ମୂଲ୍ୟ:₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାଙ୍ଗନ

ମେ ୧-୧୪, ୨୦୧୯



**ସୃଜନ ଆଳାପ :** ଅନୀଲ ଯାଦବ

**ଗଳ୍ପ :** ଭବାନୀ ଶଙ୍କର ଦାଶ

**ପ୍ରଥମ ବହି :** ଅକ୍ଷୟ କୁମାର ଜେନା

**ସ୍ମରଣୀୟ :** ସୀତେଶ ତ୍ରିପାଠୀ

**ପହିଲି ପୁଲକ :** ମଣିରାମ ଜେନା



# ସମୁଦ୍ର ଯେଉଁଠି ଭାସେ

ଆଧୁନିକ ଅମିତ୍ରାକ୍ଷର କବିତା ରଚନା ମୂଳରେ ମୋର ପ୍ରେରଣାଦାତା ଥିଲେ ଗୁରୁ ପ୍ରମୋଦ କୁମାର ମହାନ୍ତି। ସେ ହିଁ ନିଚ୍ଛକ କଥାଟି କହିପାରିଥିଲେ, ''ସ୍ରଷ୍ଟା ତା'ର ବୟସ ଓ ଅବସ୍ଥାକୁ ଦେଖି ଲେଖିବା ଉଚିତ। ସେ ଦୃଷ୍ଟିରୁ ବର୍ତ୍ତମାନ ତୁମେ ଯୁବକ। ପ୍ରେମକୁ ନେଇ କବିତା ଲେଖ।'' କଲେଜରେ କବିତା ପାଠୋତ୍ସବରେ ଆମର କବିତାଗୁଡ଼ିକ ସାର୍ (ଯଥା: ବିଭୁଦତ୍ତ ମିଶ୍ର, ଗଣେଶ ପ୍ରସାଦ ଦାସ, ପ୍ରଭୁପ୍ରସାଦ ପାଣିଗ୍ରାହୀ, ଗଙ୍ଗାଧର ବଳ)ମାନଙ୍କ ଗହଣରେ ପଠିତ ଓ ଆଲୋଚିତ ହେଉଥିଲା। ପରବର୍ତ୍ତୀ ସମୟରେ ଅଧ୍ୟାପକ ସର୍ବେଶ୍ୱର ଦାସ, ମହେଶ୍ୱର ଦାସ ଓ ସୁଧାଂଶୁ ଶେଖର ରାୟଙ୍କ ପରାମର୍ଶ କ୍ରମେ ଲେଖିଥିବା କବିତାଗୁଡ଼ିକୁ ନେଇ ବହିଟିଏ ଛପେଇଥିଲି। ବହିଟିର ନାଁ ଥିଲା 'ସମୁଦ୍ର ଯେଉଁଠି ଭାସେ'। ସମୟ ଥିଲା ୧୯୯୯ ମସିହା।




ଅକ୍ଷୟ କୁମାର ଜେନା


**ଅକ୍ଷୟ କୁମାର ଜେନାଙ୍କ ଜନ୍ମ ୧୯୫୫ରେ,** ଅବିଭକ୍ତ ବାଲେଶ୍ୱର ଜିଲା ଭଦ୍ରକର ଚୁନିଦା ଗାଁରେ। ହାଇସ୍କୁଲରେ ପଢ଼ିବାବେଳୁ କବିତା ଲେଖା ଆରମ୍ଭ, ଅବଶ୍ୟ ଗୀତି-କବିତା। ଭଦ୍ରକ କଲେଜରୁ ମନସ୍ତତ୍ତ୍ୱ (ସମ୍ମାନ)ରେ ସ୍ନାତକ। ସେହି ସମୟରୁ ଆଧୁନିକ କବିତା ରଚନାରେ ମନୋନିବେଶ। ପରେପରେ ହିନ୍ଦୀରେ କୋବିଦ ପାଶ୍ କରି ହିନ୍ଦୀ କବିତା ଲେଖିବା ସହିତ ଅନୁବାଦ ସାହିତ୍ୟ ସର୍ଜନାରେ ବ୍ରତୀ। ଏପର୍ଯ୍ୟନ୍ତ ବାରଖଣ୍ଡ ପୁସ୍ତକ ପ୍ରକାଶିତ, ଯଥା- 'ସମୁଦ୍ର ଯେଉଁଠି ଭାସେ', 'ସପ୍‌ନା ଚୁକେ ତୋ ମୈ ଦେଖୁଁ', 'ଘଟାନ୍ତର', 'ଅନୁକୂଳ', 'ଜୟତୀ', 'ଶାପବୋଧରୁ ମୁକ୍ତିଯାଏ', 'ତପସ୍ୱୀ ଓ ତରଙ୍ଗିଣୀ', 'ଶେଷ ଅଙ୍କରେ ଗୋପୀନାଥ', 'ଅକାଳରେ ସାରସ', 'ଏକ୍ କଦମ୍ ଆଗେ', ଖଲିଲ୍ ଜିବ୍ରାନ୍‌ଙ୍କ ସର୍ବଶ୍ରେଷ୍ଠ କାହାଣୀ ସଂଗ୍ରହ 'ଓ ଲୌଟ୍ ଯା ଫାଗୁନ୍'...

ଏହା ମୋର ପ୍ରଥମ ପ୍ରକାଶିତ ଓଡ଼ିଆ ବହି। ଏହାର ପାଞ୍ଚ ବର୍ଷ ଆଗରୁ ୧୯୯୪ରେ ପ୍ରକାଶ ପାଇଥିଲା ମୋର ପ୍ରଥମ ହିନ୍ଦୀ କବିତା ସଂକଳନ 'ସପ୍‌ନା ଚୁକେ ତୋ ମୈ ଦେଖୁଁ'। 'ମୋ' କବିତାଗୁଡ଼ିକରେ ପ୍ରେମ ରହିଛି କି ନା ପାଠକେ ବିଚାର କରିବେ। ତନ୍ମଧ୍ୟରୁ ଗୋଟିଏ ବି କବିତା କୌଣସି ପତ୍ରପତ୍ରିକାରେ ପ୍ରକାଶ ପାଇନାହିଁ କିମ୍ବା ଏଯାଏଁ କୌଣସି ଆଖିଦୃଶିଆ ପୁରସ୍କାର ମୁଁ ପାଇନାହିଁ। ତେବେ ପାଠକ ଓ ଶ୍ରୋତାମାନଙ୍କର ପ୍ରଶଂସାକୁ ପୁରସ୍କାର ଭାବରେ ଗ୍ରହଣ କରିଛି। ଯେଉଁଦିନ ବହିଟି ପ୍ରକାଶ ପାଇଲା, ସେଦିନ ମୁଁ ବହିଟିକୁ ନିରୋଳାରେ ବହୁଥର ଦେଖିଛି, ପୃଷ୍ଠା ଲେଉଟାଇଛି ଓ ପଢ଼ିଛି ମଧ୍ୟ। ସେଦିନର ନିଆରା ଆନନ୍ଦ ଓ ତୃପ୍ତିକୁ ଭାଷାରେ ପ୍ରକାଶ କରିବା କଷ୍ଟ।






ପ୍ରଥମେ ବହିଟିର ନାଁ ରଖିଥିଲି 'ଖେତ ଖତିଆନ୍'। ତା'ପରେ ଭାବିଲି ବହିଟିର ନାଁ ରଖିବି 'ସମୁଦ୍ର ଯେଉଁଠି ଭାସେ'। ଏହି ଦ୍ୱନ୍ଦ୍ୱରୁ ମୁକୁଳିବା ପାଇଁ କବି ଗୁରୁ କମଳାକାନ୍ତ ଲେଙ୍କା (ସେତେବେଳେ ସେ ଜୀବିତ ଥିଲେ)ଙ୍କ ପରାମର୍ଶ ଲୋଡ଼ିଥିଲି ଓ ଗ୍ରହଣ କରିଥିଲି। କବିତାଗୁଡ଼ିକ ଲେଖାଯିବା ଓ ପ୍ରକାଶିତ ହେବା ମଧ୍ୟରେ ପ୍ରାୟ ୨୫ ବର୍ଷର ବ୍ୟବଧାନ ଓ ପ୍ରକାଶିତ ପରଠାରୁ ଏପର୍ଯ୍ୟନ୍ତ ୨୦ ବର୍ଷ ଅତିକ୍ରମ କରିବାକୁ ବସିଲାଣି। ତଥାପି ବିଶ୍ୱାସ, ଆଜି ହିଁ ଲେଖାଯାଇଛି ବୋଲି ପାଠକଙ୍କୁ ମନେହେବ ଓ ଛୁଇଁବ ମଧ୍ୟ।




# ଶଙ୍ଖ ଘୋଷଙ୍କ ସହ 'ସୃଜନ-ଆଳାପ' ଉଚ୍ଚକୋଟୀର

ମହାଶୟ,

* ଏପ୍ରିଲ ପ୍ରଥମ ସଂଖ୍ୟା 'ସାହିତ୍ୟାୟନ'ରେ ସ୍ଥାନିତ 'ସୃଜନ-ଆଳାପ'ରେ ଶଙ୍ଖ ଘୋଷଙ୍କ ଉପରେ ଆଧାରିତ ଡ. ହୃଷୀକେଶ ମଲ୍ଲିକଙ୍କ 'ବଜାର-ସଂସ୍କୃତି' ନଷ୍ଟ କରିଛି ସ୍ରଷ୍ଟାର 'ନିଭୃତି'...ରୁ ବଙ୍ଗଳା ସାହିତ୍ୟର ମହାନ୍ ରଥୀଙ୍କ ବାଣୀ ଖୁବ୍ ଉଚ୍ଚକୋଟୀର। 'ଭଲ କବିତାର କୌଣସି ସଂଜ୍ଞା ନାହିଁ' ବୋଲି ସେ କହିଛନ୍ତି। ଏହା କେବଳ ଅନୁଭବୀ ହିଁ ଅନୁଭବ କରିପାରେ। ସାକ୍ଷାତ୍‌କାରଟି ଖୁବ୍ ଶିକ୍ଷଣୀୟ ମନେହୁଏ। 'ପୁସ୍ତକ ପରିଚୟ'ରେ ପୁରାଣ, ଗଳ୍ପ, ଭ୍ରମଣ ସାହିତ୍ୟ, ନାଟକ, ଆଲୋଚନା ଓ ପ୍ରବନ୍ଧ ସମୀକ୍ଷା ରହିଥିବାବେଳେ କବିତା ବଜାର ମାନ୍ଦା। 'ଗୋଡ଼ମୁଦି'ର ଗାଳ୍ପିକା ସୌମ୍ୟା ମହାପାତ୍ର ଟାଇମ୍ ପାସ୍ ପୁରସ୍କାର ସହ କାଦମ୍ବିନୀ ପୁରସ୍କାର ଡ. ପ୍ରତିଭା ରାୟଙ୍କ ନିକଟରୁ ପାଇବା ସହ 'ବାଲିଘର'ଟିଏ ବି ଗଢ଼ି ଦେଇଛନ୍ତି ନିଜ ହାତରେ, ଯାହା 'ପ୍ରଥମ ବହି' ସ୍ତମ୍ଭରୁ ଜଣାଯାଏ। 'ବର୍ଣ୍ଣିଳ ବର୍ଣ୍ଣାଳୀ'ର କବୟିତ୍ରୀ ଗୀତାଞ୍ଜଳି ମହାନ୍ତିଙ୍କୁ 'ପହିଲି ପୁଲକ' ଆଣି ଦେଇଥିଲା 'ଲାଲପରୀ' ନାଁରେ ଶିଶୁ ଗ୍ରନ୍ଥଟିଏ। କବିତା ପୃଷ୍ଠାରେ ସ୍ଥାନ ପାଇଥିବା ଧନଞ୍ଜୟ ସ୍ୱାଇଁଙ୍କ କବିତା 'ତୁମେ ନାହଁ ବୋଲି'ରେ ରହିଛି ଜଣକ ଅଭାବ। ଗୀତି-କବିତାଟିର ପ୍ରଥମ ପଦଟି ବଙ୍ଗଳାଶ୍ରୀ ବୃତ୍ତରେ ରଚିତ। ସୀମନ୍ତ ମହାନ୍ତିଙ୍କ 'ଫଗୁଣ ଗଲା ପରେ'ରୁ 'ଝାଞ୍ଜି'ର ଅନୁଭବ, ଲିପ୍‌ସା ମହାନ୍ତିଙ୍କ 'ଏଇ ଶୀତରେ' ରହିଛି- ହିମଶୈଳ, ସୁମନ ସହ କିଛି ଭିଜାଭିଜା ସ୍ମୃତିର ଅନୁଭୂତି, ରଜତ ରଶ୍ମି ସ୍ୱାଇଁଙ୍କ 'ଲୁହ ଝରିବାକୁ ଦିଅ' କବିତାରେ ଭରି ରହିଛି କୁଢ଼କୁଢ଼ ଅନ୍ତର୍ବେଦନ, ଚିରଶ୍ରୀ ଇନ୍ଦ୍ର ସିଂଙ୍କ 'ଶାଢ଼ି'ରୁ 'ଶାଢ଼ି ନଥିଲେ ଦେହରେ- ସମାନ ସବୁ ନାରୀ' ପଦଟି ନଗ୍ନ ସୌନ୍ଦର୍ଯ୍ୟକୁ ଆପଣେଇଛି। ମୀନାକ୍ଷୀ ଦେବୀଙ୍କ ଗଳ୍ପ 'ମଞ୍ଚ'ର ନେତ୍ରୀ ନିଜେ ନାରୀ ନିର୍ଯ୍ୟାତନା କରି ଅନ୍ୟକୁ ଏହାର କୁପରିଣାମ ବୁଝାନ୍ତି। ବାସ୍ତବରେ ଚୋରି କରି ପାଇକପଣ। ସାଗରିକା ପଟ୍ଟନାୟକଙ୍କ ମିନିଗଳ୍ପ 'ବାପା ଚାଲିଗଲେ'ରେ ରହିଛି ଆପଣା ଲୋକଙ୍କୁ ହରାଇବାର ମର୍ମାନୁଭୂତି ସହ ଛାତିଥରା ହୃତ୍‌ସ୍ପନ୍ଦନ। ସ୍ମରଣୀୟ ସ୍ତମ୍ଭରେ ସ୍ଥାନିତ 'ନିଦ ଔଷଧ'ରେ ଗାଳ୍ପିକ କୃପାସାଗର ସାହୁ ଚମତ୍କାର ଭାବେ ଉପସଂହାର ଟାଣିଛନ୍ତି, ଯାହା ଜଣେ ପାଠକର କଳ୍ପନା ବାହାରେ। ଆଂଟନ୍ ଚେଖଭଙ୍କ ମୂଳ ଗପରୁ ଅନୂଦିତ ଡ. ସୂଚନା ପାଢ଼ୀଙ୍କ 'ଭିକାରି' ପାଠ କଲେ ଜଣେ ଅନ୍ୟର ସାହାଯ୍ୟ ଓ ସହଯୋଗ ପାଇଲେ ଭିକାରି ମଧ୍ୟ ଅମୀର ହୋଇପାରେ- ସୂଚନା ଦିଏ। ପ୍ରସ୍ଫୁଟିତ କୁସୁମରାଜି, ପାଲଟଣା ନୌକା, ଅସ୍ତାଚଳଗାମୀ ରବି, ଶାୟିତ ଶ୍ୱାନ ସହ ଚଢ଼େଇ ଶାବକଙ୍କ ଦୃଶ୍ୟ ଅତି ମନୋହର କରିପାରିଛି ପ୍ରଚ୍ଛଦ ପୃଷ୍ଠାଟିକୁ।

*- ପ୍ରତାପ ଚନ୍ଦ୍ର ପାଢ଼ୀ (ସେବାନିବୃତ୍ତ ଶିକ୍ଷକ)*
*- ହେମଲତା ପବ୍ଲିକ ସ୍କୁଲ, ଗୋବିନ୍ଦନଗର, ଗୋଳନ୍ଥରା, ଗଞ୍ଜାମ*

* ସୁନ୍ଦର, ଆକର୍ଷଣୀୟ ପ୍ରଚ୍ଛଦପଟ ସମ୍ବଳିତ ଚଳିତ ୨୦ ମାର୍ଚ୍ଚ- ଏପ୍ରିଲ ୨ ସଂଖ୍ୟା 'ସାହିତ୍ୟାୟନ' ପାଠ କରି ଖୁବ୍ ଆତ୍ମତୃପ୍ତି ଲାଭ କଲି। ବିଶେଷକରି 'ପ୍ରଦକ୍ଷିଣ' ସ୍ତମ୍ଭରୁ ପଦ୍ମଶ୍ରୀ ତଥା ସୁପ୍ରତିଷ୍ଠିତ କବି ଜୟନ୍ତ ମହାପାତ୍ରଙ୍କ 'କଟକ ଓ କବି କାଜୁକୋ'ଙ୍କୁ ନେଇ ତାଙ୍କର କଟକିଆ ସ୍ମୃତି, ଅନୁଭୂତି ବେଶ୍ ମଜାଦାର ତଥା ମନଛୁଆଁ ହୋଇପାରିଛି। ଆତ୍ମାର ଶାନ୍ତି ଉଦ୍ଦେଶ୍ୟରେ ଡ. ସୁଲୋଚନା ଦାସଙ୍କ ରମ୍ୟ ଚରନା ବେଶ୍ ସମୟୋପଯୋଗୀ ହେବା ସହିତ ବାସ୍ତବ ଜୀବନର ସତ୍ୟାସତ୍ୟକୁ ସୂଚିତ କରୁଛି। କବିତା ପୃଷ୍ଠାରେ ନାମଯଜ୍ଞ ମିଶ୍ରଙ୍କ 'ପ୍ରୀତିର ଶରଧାବାଲି', ଲିପ୍‌ସା ପଟେଲଙ୍କ 'ପ୍ରତିଛବି' ଓ ସଞ୍ଜୀବ କୁମାର ପଣ୍ଡାଙ୍କ 'ବାପାପଣ' ଶୀର୍ଷକ କବିତା ବେଶ୍ ଭାବପୂର୍ଣ୍ଣ ହେବା ସହ ଶବ୍ଦ ସଂଯୋଜନା ମନଛୁଆଁ ହୋଇ ପାରିଛି। 'ପହିଲି ପୁଲକ' ସ୍ତମ୍ଭରେ ସୁଷମା ଦାଶଙ୍କ ଅନ୍ତରର ସ୍ମୃତିଭରା ଅନୁଭୂତି ଆନନ୍ଦଦାୟକ।

*- ବିନୋଦ ବିହାରୀ ବେହେରା, ନୂଆସାହି, ଗୋଶାଳା ରୋଡ୍, ନୂଆବଜାର, କଟକ*

* ମାର୍ଚ୍ଚ ୨୦ରୁ ଏପ୍ରିଲ ୨ ଧରିତ୍ରୀର 'ସାହିତ୍ୟାୟନ' ପ୍ରାପ୍ତ ମାତ୍ରକେ ପାଠକଲି। ମୋ' ପ୍ରେରିତ ଲେଖା ପ୍ରକାଶ ପାଇ ନ ଥିବାରୁ ଦୁଃଖ ପ୍ରକାଶ କଲି। ଆପଣଙ୍କ ମତରେ ମୋ' ଲେଖା ଉଚ୍ଚମାନର ନୁହେଁ। ଏଥର 'ସାହିତ୍ୟାୟନ'ର ଦୁଇ ସ୍ରଷ୍ଟା ସୁରେଶ ପ୍ରସାଦ ମିଶ୍ର ଏବଂ ସୁଷମା ଦାଶଙ୍କୁ ଧନ୍ୟବାଦ ଦେଉଛି ସେମାନଙ୍କ ସାରସ୍ୱତ ସାଧନା ଲାଗି। କବି ଜୟନ୍ତ ମହାପାତ୍ରଙ୍କର କଟକ ସମ୍ବନ୍ଧରେ ବକ୍ତବ୍ୟ ଏବଂ ଜାପାନୀ କବି କାଜୁକୋଙ୍କ ମତ ବେଶ୍ ମନଛୁଆଁ। କବି ଜୟନ୍ତ ମହାପାତ୍ର ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କବି। ମୋ ଜାଣିବାରେ ସେ ଜଣେ ପ୍ରେମିକ କବି! ପ୍ରଜ୍ଞାଶ୍ରୀ ରଥଙ୍କ 'ସବାରି' ଗପର ନୂଆବୋହୂଟି ନିଜର ଏବଂ ଶାଶୁଘରର ସୁଖଦୁଃଖ ଯେପରି ବର୍ଣ୍ଣନା କରିଛନ୍ତି, ପାଠକପାଠିକାଙ୍କ ଆଖି ଛଳଛଳ ହୋଇଯିବ। ଗପଟିକୁ କିନ୍ତୁ ସାଧାରଣ ସ୍ୱଳ୍ପଜ୍ଞାନୀ ଲୋକ ବୁଝିପାରିବେନି। ଆହୁରି ସରଳ ଭାଷାରେ ଏହାକୁ ଲେଖିବା ଉଚିତ ଥିଲା। ଗାଳ୍ପିକା ନିଜ ଠିକଣା ଏବଂ ମୋବାଇଲ ନମ୍ବର ନ ଦେବା ମସ୍ତବଡ଼ ଭୁଲ। ମନୋରଞ୍ଜନ ପଣ୍ଡାଙ୍କର 'ବାଲିଝଡ଼ରୁ ନରକ' ଲେଖା କେବଳ ବିଦ୍ୱାନ୍‌ମାନଙ୍କ ଉଦ୍ଦେଶ୍ୟରେ ଲିଖିତ। ଏଥର 'ସାହିତ୍ୟାୟନ'ର ସର୍ବଶ୍ରେଷ୍ଠ ସାରସ୍ୱତ କୃତୀ ଏବଂ ଶିକ୍ଷଣୀୟ କୃତୀ ହେଲା ଡ. ସୁଲୋଚନା ଦାସଙ୍କର। ମୋର ବିଶ୍ୱାସ 'ଆତ୍ମାର ଶାନ୍ତି' ରମ୍ୟ ରଚନାଟିକୁ ପାଠିକାପାଠକେ ଆଗ୍ରହରେ ପଢ଼ିଥିବେ। ମୁଁ ଏଥିପାଇଁ ସୁଲୋଚନା ଦାସଙ୍କୁ ସ୍ୱତନ୍ତ୍ର ଭାବରେ ଧନ୍ୟବାଦ ଜଣାଉଛି। କବିତା ଭିତରେ ବୀଣାପାଣି ପଣ୍ଡାଙ୍କ କବିତା ମନଛୁଆଁ। ଅନ୍ୟ ସବୁ କବିତା ମନ୍ଦ ନୁହେଁ। ସମ୍ପାଦନା ମଣ୍ଡଳୀକୁ ସରଳ ଭାବଗର୍ଭକ ଗପ, କବିତା ପ୍ରକାଶ କରିବାକୁ ଅନୁରୋଧ।

*- ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ*

* 'ସାହିତ୍ୟାୟନ'ର ନିୟମିତ ପାଠକ ଭାବେ ମୋତେ ଲାଗେ ପ୍ରତ୍ୟେକ ସାହିତ୍ୟିକ ଓ ସାହିତ୍ୟପ୍ରେମୀମାନଙ୍କ ପାଇଁ ଏହା ନିଶ୍ଚିତ ଭାବେ ଉପାଦେୟ ଓ ସଂଗ୍ରହଣୀୟ।

*- ରମେଶ ମଙ୍ଗରାଜ, କବି ଓ କବିତା ଭବନ, ମହୁଲ*

* ବିଭିନ୍ନ ସମ୍ବାଦପତ୍ରର ସାହିତ୍ୟ ପୃଷ୍ଠା କିମ୍ବା ରବିବାର ସାହିତ୍ୟ ପୃଷ୍ଠା ଅପେକ୍ଷା ଧରିତ୍ରୀର ସାହିତ୍ୟ ପୃଷ୍ଠା 'ସାହିତ୍ୟାୟନ' ଅଗ୍ରଣୀ। ଏହା ସମ୍ପୂର୍ଣ୍ଣ ଭାବେ ସାହିତ୍ୟକୁ ସମର୍ପିତ। ଗଳ୍ପ, କବିତା ମନଛୁଆଁ ଓ ପ୍ରଭାବଶାଳୀ। ନୂଆ ଲେଖକଙ୍କୁ ଏହିପରି ସୁଯୋଗ ଦେଇ ପ୍ରେରଣା ଯୋଗାନ୍ତୁ। 'ପୁସ୍ତକ ପରିଚୟ'ରେ ଭଲଭଲ ବହିର ସୂଚନା ଦେବା ଅବ୍ୟାହତ ରଖନ୍ତୁ। ପାଠକଙ୍କ ମତାମତ କେବଳ ପ୍ରଶଂସାରେ ମୁଖର ନ ହୋଇ ସଂସ୍କାରଧର୍ମୀ ହେଉ। 'ନାଲି ଗାମୁଛା' କବିତା ସୁଖପାଠ୍ୟ।

*- ଅଶୋକ କୁମାର ସା, ତରଭା, ସୋନପୁର*

**ଉତ୍ତର:** 'ବିଦଗ୍ଧ ପାଠକ'ରେ ଆମେ ପାଠିକାପାଠକ ପଠାଉଥିବା ମତାମତକୁ ଅବିକଳ ପ୍ରକାଶ କରୁଛୁଁ। ମତାମତ ଯଦି ଗଠନମୂଳକ ଓ ଯଥାର୍ଥ ଅଧ୍ୟୟନଭିତ୍ତିକ, ତେବେ ତାହାକୁ ପ୍ରାଧାନ୍ୟ ଦିଆଯାଉଛି। ଯେଉଁ ଲେଖାଟି ପସନ୍ଦ ବା ନାପସନ୍ଦ ହେଉଛି, ତା'ର କାରଣ ଦର୍ଶାଇ ଲେଖିଲେ, ସମ୍ପୃକ୍ତ ଲେଖକ ଓ ସର୍ବୋପରି ସମ୍ପାଦନାମଣ୍ଡଳୀ ପାଇଁ ତାହା ଉପଯୋଗୀ ସାବ୍ୟସ୍ତ ହୋଇପାରିବ।

*- ସାହିତ୍ୟାୟନ*

ସାହିତ୍ୟାୟନ
**ଲେଖା ପଠାଇବାର ଠିକଣା**

ସମ୍ପାଦକ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
email: dharitrisahityayana@gmail.com


ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

ଅନିଲ ଯାଦବଙ୍କ ଜନ୍ମ ୯ ଜାନୁୟାରୀ ୧୯୬୧ରେ, ବନାରସ ନିକଟବର୍ତ୍ତୀ ଗାଜିପୁରରେ। ଶିକ୍ଷାଗତ ଯୋଗ୍ୟତା: ବିଜ୍ଞାନରେ ସ୍ନାତକ, କଳାରେ ସ୍ନାତକୋତ୍ତର ଓ ସାମ୍ବାଦିକତାରେ ସ୍ନାତକ। ଜାତୀୟ ସ୍ତରର ବହୁ ପ୍ରତିଷ୍ଠିତ ଦୈନିକ ଓ ମାସିକ ପତ୍ରିକାରେ ନିୟମିତ ସ୍ତମ୍ଭ ରଚନା କରି ଜଣେ ଦମ୍‌ଦାର ସ୍ତମ୍ଭକାର ଭାବେ ପରିଚିତି ଅର୍ଜନ। ବିପଦକୁ ଖାତିର ନ କରି ଭ୍ରମଣ-ଅନୁଭୂତି ଆହରଣରେ ନିଶା। ବହୁ ଗଳ୍ପ, ସ୍ତମ୍ଭ ଓ ଭ୍ରମଣ କାହାଣୀ ରଚନା ସତ୍ତ୍ୱେ ଏ ଯାବତ୍ ମାତ୍ର ୩ଟି ପୁସ୍ତକ ପ୍ରକାଶିତ। ୧. 'ଓ ଭୀ କୋଇ ଦେଶ୍ ହୈ ମହାରାଜ!' (ଭ୍ରମଣ କାହାଣୀ), ୨. 'ନଗର ବଧୂ ନେ ଆଖବର୍ ନହିଁ ପଢ଼ତି' (କ୍ଷୁଦ୍ରଗଳ୍ପ) ଓ ୩. 'ସୋନମ୍ ଗୁପ୍ତା ବେଓ୍ୱଫା ନହିଁ ହୈ' (ଆଲେଖ୍ୟ)।

# ପୂର୍ଣ୍ଣ ମଣିଷର ଛବି ଆଙ୍କିପାରିବ ନାହିଁ ରାଜନୈତିକ ତୂଳୀ...

## ସୃଜନ-ଆଳାପ



ଅନିଲ ଯାଦବ

◆ ଆପଣ ପାଞ୍ଚଜଣ କବିଙ୍କ ନାଁ ନିଅନ୍ତୁ, ଯେଉଁମାନେ ଆପଣଙ୍କ ବିଚାରରେ ୧୯୪୭ ପରର ହିନ୍ଦୀ-ସାହିତ୍ୟରେ ଖୁବ୍ ମହାନ୍?

❍ ଗଜାନନ ମାଧବ ମୁକ୍ତିବୋଧ, ରଘୁବୀର ସହାୟ, ସମ୍‌ସେର୍ ବାହାଦୁର ସିଂହ, ସୂର୍ଯ୍ୟକାନ୍ତ ତ୍ରିପାଠୀ (ନିରାଲା) ଓ ସର୍ବେଶ୍ୱର ଦୟାଲ୍ ସାକ୍‌ସେନା।

◆ ଆଉ ନାଗାର୍ଜୁନ, ତ୍ରିଲୋଚନ, ଧର୍ମବୀର ଭାରତୀ, ହରିବଂଶ ରାୟ ବଚ୍ଚନ?

❍ ପ୍ରଥମ ପାଞ୍ଚଜଣ କବିଙ୍କ ଭିତରେ ଏମାନେ ଆସିବେନି, ଅନ୍ତତଃ ମୋ' ଦୃଷ୍ଟିରେ।

◆ 'ଅଂଧାଯୁଗ୍' ଓ 'କନୁପ୍ରିୟା' ପାଇଁ ଧର୍ମବୀର ଭାରତୀ କ'ଣ କମ୍ ଚର୍ଚ୍ଚିତ?

❍ ଚର୍ଚ୍ଚିତ। କିନ୍ତୁ 'ଗୁନାହ କା ଦେବତା' ଉପନ୍ୟାସ ପାଇଁ ସେ ପ୍ରସିଦ୍ଧ। ଏମିତି ନୁହେଁ ଯେ ଧର୍ମବୀରଙ୍କର ଦି' ଚାରିଟି କବିତା ମୋତେ ଭଲ ଲାଗିନି। କିନ୍ତୁ...

◆ ଯେଉଁ ପାଞ୍ଚଜଣଙ୍କୁ ସ୍ୱାଧୀନୋତ୍ତର ହିନ୍ଦୀ କବିତାର ପ୍ରମୁଖ କବି ଭାବେ ପସନ୍ଦ କଲେ, କୁହନ୍ତୁ ଏମାନଙ୍କ କବିତାର ବିଶେଷତ୍ୱ ଗୋଟିଏ ଗୋଟିଏ ଧାଡ଼ିରେ?

❍ ମୁକ୍ତିବୋଧ: ସୃଜନଶୀଳତାର ତାଜାପଣ ଓ ସମାଜ-ବିବର୍ତ୍ତନ ପ୍ରସଙ୍ଗରେ ପ୍ରଚୁର ଅସ୍ଥିରତା।
ରଘୁବୀର: ଗଣତନ୍ତ୍ରର ବିଫଳତା ଓ ଅପଥଚାରିତା ବିପକ୍ଷରେ କାବ୍ୟସ୍ୱରର ତୀବ୍ରତା।
ସମ୍‌ସେର୍: ଶୃଙ୍ଗାରିକତା (Sensuality)ର ସୁନ୍ଦର ଉପସ୍ଥାପନ।
ନିରାଲା: ଦେବଦେବୀଙ୍କଠି ମାନବୀ-ବ୍ୟକ୍ତିତ୍ୱର ସଂଧାନ।
ସାକ୍‌ସେନା: ଜନତନ୍ତ୍ରର ପତନ ପ୍ରତି ବ୍ୟଙ୍ଗ।

◆ ଏହି ପାଞ୍ଚଜଣଙ୍କ କବିତାରେ ଆପଣ ଲକ୍ଷ୍ୟ କରିଥିବା ଅକୁଳାଣପଣଟି କ'ଣ?

❍ ଦେଖିବା କଥା- ଜଣେ କବି ଯେମିତି ତା' କବିତାରେ, ସେମିତି ଜୀବନ ବଞ୍ଚୁଛି କି ନା ? ଏମାନଙ୍କ ଜୀବନ ଓ ଏମାନେ ଲେଖୁଥିବା କବିତା ଭିତରେ ମେଳ କମ୍। ଧର୍ମବୀର ଭାରତୀଙ୍କ ଆତ୍ମଜୀବନୀ 'ରେତ୍ ପର୍ ମଛଲି' ପଢ଼ନ୍ତୁ, ଧରିନେବେ ମୋ' କହିବା କଥା।

◆ ୧୯୭୫ ପରର ହିନ୍ଦୀ କବିତାରେ ଆପଣ କେଉଁ ପାଞ୍ଚଜଣଙ୍କୁ ପ୍ରାଧାନ୍ୟ ଦେବେ?

❍ ବିଷ୍ଣୁ ଖରେ, ମଙ୍ଗଲେଶ୍ ଡବ୍‌ରାଲ୍, ଅରୁଣ କମଲ, ଅସଦ୍ ଜୈଦୀ ଓ ବୀରେନ୍ ଡଙ୍ଗୱାଲ୍ (ମୃତ)।

◆ ବିଶେଷତ୍ୱ, ଧାଡ଼ିକରେ?

❍ ଖରେ: ନିମ୍ନ ମଧ୍ୟବିତ୍ତର ରୂପକାର, ବିଦ୍ରୂପ ଓ ବୈପରୀତ୍ୟର କବି।
ଡବ୍‌ରାଲ୍: ଆଶାର କବି।
କମଲ: ଗ୍ରାମୀଣ ବାସ୍ତବତା (ଯେପରି ତାଙ୍କ 'ବୈଲ ଚୋରୀ' କବିତା। ଏଥିରେ ଚୋରଙ୍କ ପ୍ରଶଂସା କରାଯାଇଛି)।
ଜୈଦୀ: ପରିବାରୀ କବି (Family poet)। ପ୍ରସିଦ୍ଧ କବିତା 'ତିନ୍ ବହେନେ'।
ଡଙ୍ଗୱାଲ୍: ବିନ୍ଦୁରେ ସିନ୍ଧୁ ଦର୍ଶନ, ଚମକପ୍ରଦ ଦାର୍ଶନିକତା (ଛୋଟଛୋଟ କବିତା ଲେଖନ୍ତି, ଯେପରି ତାଙ୍କ 'କୁତ୍ତା' କବିତା)।

◆ ଏମାନଙ୍କ କବିତାରେ ଅନ୍ତର କ'ଣ?

❍ ପ୍ରଥମ ସାରିର କବିଙ୍କ କବିତାରେ ପ୍ରକୃତି ଓ ବିଶ୍ୱ-ଭାବନା ପ୍ରଚୁର। ଦ୍ୱିତୀୟ ସାରିର କବିଙ୍କ କବିତାର କେନ୍ଦ୍ରରେ ଆସୀନ 'ମଣିଷ'।

◆ ୧୯୭୫ ପରେ ହିନ୍ଦୀ କଥା-ସାହିତ୍ୟରେ ପରିବର୍ତ୍ତନ ଆଣିଥିବା କତିପୟ କଥାକାରଙ୍କ ନାଁ କୁହନ୍ତୁ, ପରିବର୍ତ୍ତନଟି କ'ଣ ବୋଲି ଚିହ୍ନାଇ?

❍ ୧୯୭୨-୭୩ରୁ ହିନ୍ଦୀ କଥା ସାହିତ୍ୟରେ 'ନୟୀ କହାନୀ' ଆନ୍ଦୋଳନ ରୂପ ନେବାକୁ ଲାଗିଲା। ପୂର୍ବର କାହାଣୀ ଥିଲା ରାଜାରାଣୀଙ୍କ ଗପ। ଭାଷା ଦୁର୍ବୋଧ, ସାଧାରଣ ପାଠକଙ୍କ ଅମଳ-ଅକ୍ଷମ। ନୂଆ ଲେଖକମାନେ ନିଜେ ବଞ୍ଚୁଥିବା ସମୟର କଥା ଲେଖିଲେ। ଗଳ୍ପରେ ଦୃଶ୍ୟମାନ ହେଲା 'ସ୍ୱାଧୀନତାର ମୋହଭଙ୍ଗ' ଓ ଏହିପରି ନୂଆ କେତେ କ'ଣ। କମଲେଶ୍ୱର, ରାଜେନ୍ଦ୍ର ଯାଦବ ଓ ମୋହନ ରାକେଶ ଏହି ସମୟର ଉଲ୍ଲେଖନୀୟ କଥାକାର।

◆ ମୋହନ ରାକେଶ ହିନ୍ଦୀ ନାଟକରେ ବି ଏକ ଚର୍ଚ୍ଚିତ ସ୍ୱର...

❍ ହଁ।

◆ ୧୯୯୦ ପରେ କେଉଁ ଲେଖକମାନେ ହିନ୍ଦୀ ସାହିତ୍ୟକୁ ଆସିଲେ, ଯେଉଁମାନଙ୍କ ସାହାରାରେ ହିନ୍ଦୀ-କଥା ସାହିତ୍ୟ କଡ଼ ଲେଉଟାଇଲା?

❍ ଉଦୟ ପ୍ରକାଶ, ଅଖିଲେଶ, ମନୋଜ ରୂପଡ଼ା, ଜୟ ନନ୍ଦନ, ପଙ୍କଜ ମିତ୍ର, ଶିବ ମୂର୍ତ୍ତି ପ୍ରମୁଖ।

◆ ଏମାନଙ୍କ ଗଳ୍ପର ଗତି ଓ ଗନ୍ତବ୍ୟ?

❍ ଏମାନେ ସବୁ ଦେଶଜ ଲେଖକ(Sabaltern writers)। ସାମାଜିକ ନ୍ୟାୟ, ବେରୋଜଗାରୀ, ଜାତି-ରାଜନୀତି, ନାରୀ-ମୁକ୍ତି, ଲିଙ୍ଗ-ଅସାମ୍ୟ ଆଦି ଏମାନଙ୍କ ରଚନାର ପ୍ରସଙ୍ଗ। ଚିନ୍ତା ସମକାଳୀନ ଓ ଭାଷା ଟଟକା।

◆ ଆପଣ ଏକାଧାରରେ ଜଣେ ସଫଳ ଗାଳ୍ପିକ ଓ ସ୍ତମ୍ଭକାର। ହିନ୍ଦୀ ଗଳ୍ପରେ ଆପଣ କେଉଁ ଅଭାବକୁ ଭରଣା କରିଛନ୍ତି ବା କରୁଛନ୍ତି ବୋଲି ମନେକରନ୍ତି?

❍ ମୋର ସମକାଳୀନ ଓ ପୂର୍ବବର୍ତ୍ତୀ ଲେଖକମାନଙ୍କ ଲେଖାର ପ୍ରସଙ୍ଗ ମୁଖ୍ୟତଃ ଥିଲା ରାଜନୈତିକ। ମୋତେ ଲାଗିଲା ରାଜନୈତିକ ତୂଳୀ ପୂର୍ଣ୍ଣ ମଣିଷର ଛବି ଆଙ୍କିପାରିବ ନାହିଁ। କମ୍ୟୁନିଷ୍ଟ ଚଷମାରେ ମଣିଷ ଦିଶିବେ ଦ୍ୱିବିଧ- 'ସର୍ବହରା', ନୋହିଲେ 'ବୁର୍ଜୁଆ'। କଂଗ୍ରେସ ଚଷମାରେ ମଣିଷ ଦିଶିବ 'ଅହିଂସ', ନୋହିଲେ 'ସତ୍ୟାଗ୍ରହୀ'। ଭାଜପା ଚଷମାରେ ମଣିଷର ରୂପ ହେବ ସାମ୍ପ୍ରଦାୟିକ ବା ଧାର୍ମିକ। କିନ୍ତୁ 'ମଣିଷ' ଏ ସବୁ ରାଜନୈତିକ ବିଭାଜନର ଊର୍ଦ୍ଧ୍ୱରେ ଜଣେ ବ୍ୟକ୍ତି-ମଣିଷ। ତା'ର ନାନା ସାମାଜିକ ଓ ମନସ୍ତାତ୍ତ୍ୱିକ ପରିଚୟ ରହିଛି। ମୋର ମନେହେଲା ଯେ ଏଇ ରାଜନୈତିକ ମୁଖାବରଣ ଭେଦ ପୂର୍ବକ ଏହାର ଗଭୀରକୁ ଯାଇ ମୁଁ ଲେଖିପାରିବି। କେତେ ସଫଳ ବା ବିଫଳ ହୋଇଛି କହିପାରିବି ନାହିଁ।

◆ ଆପଣଙ୍କ ପ୍ରଥମ ଗଳ୍ପ?

❍ ମୋର ପ୍ରଥମ ଗଳ୍ପ 'ଲୋକ କବିକା ବିରାହା' (ଲୋକକବିଙ୍କ ଲୋକଗୀତ)।

◆ 'ନଗର ବଧୂନେ ଆଖବର ନହିଁ ପଢ଼ତି' (୨୦୧୨) ଗଳ୍ପଟି ପାଇଁ ଆପଣ ଢେର୍ ସୁନାମ ଗୋଟାଇଛନ୍ତି। ଏହି ଗଳ୍ପଟିର କେନ୍ଦ୍ରୀୟ ଭାବନାଟି କ'ଣ?

❍ ୨୦୦୧ରେ, ଆପଣଙ୍କର ମନେଥିବ, ବନାରସରେ ଗଣିକାମାନେ ଏକ ଖୁବ୍ ବଡ଼ ବିକ୍ଷୋଭ କରିଥିଲେ। ସରକାରଙ୍କଠାରେ ସେମାନଙ୍କର ଦାବି ଥିଲା- 'ଆମକୁ ଥଇଥାନ କର'। ଏଠାକାର ପଣ୍ଡିତମାନେ ଏଥିରେ ବିଚଳିତ ହୋଇ ବନାରସର ପବିତ୍ରତା ରକ୍ଷା ପାଇଁ ଏମାନଙ୍କୁ ତୁରନ୍ତ ବନାରସରୁ ବାହାର କରାଯାଉ ବୋଲି ପାଲଟା ଦାବି ଉଠାଇଥିଲେ। ଏହି ଆନ୍ଦୋଳନ ଦବି ଯାଇଥିଲା। କାରଣ ଆମ ଦେଶର ଗଣିକାମାନେ ଲାଇସେନ୍‌ସଧାରୀ ନୁହନ୍ତି। ଏକ ପ୍ରକାର ଭିକାରି ଶ୍ରେଣୀର ଅନ୍ତର୍ଭୁକ୍ତ। ଗଣିକାର ବିଧିବଦ୍ଧ ପରିଚୟ ଥିଲେ ତ ଥଇଥାନ ସମ୍ଭବ ହେବ! ଗଣିକାମାନଙ୍କୁ ଆମ ସମାଜ, ରାଜନୀତି, ବିଚାର ବ୍ୟବସ୍ଥା ଓ ଗଣମାଧ୍ୟମ କିପରି ଦୃଷ୍ଟିରେ ଦେଖେ- ଏହା ମୋ' ଗଳ୍ପର ଆଧାରଶିଳା।


◆ କେଉଁ ସ୍ଥିତିରେ ଆପଣ ସାମ୍ବାଦିକତାକୁ ଆପଣାଇଲେ?

❍ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ମୁଁ ଥାଏ ଛାତ୍ରନେତା। ଦିଲ୍ଲୀରୁ ସେତେବେଳେ ବାହାରୁଥାଏ 'ଷ୍ଟୁଡେଣ୍ଟ ଷ୍ଟ୍ରଗଲ୍' ନାମକ ଏକ ପତ୍ରିକା। ସମ୍ପାଦକ ଥାଆନ୍ତି ନୀଳୋତ୍ପଳ ବସୁ। ଏଥିରେ ମୁଁ ଲେଖୁଥିଲି। ତା'ଛଡ଼ା ବିଭିନ୍ନ ଅବକାଶରେ ମୁଁ ଯେଉଁ ପ୍ରେସ୍ ନୋଟ୍ ତିଆରି କରୁଥିଲି, ତାକୁ ଖବରକାଗଜବାଲାଏ ପସନ୍ଦ କଲେ। ତାଗିଦ୍ ଆସିଲା ସାମ୍ବାଦିକ ଭାବେ କାମ କରିବାକୁ। ବନାରସରୁ ବାହାରୁଥିବା 'ଭାରତ ଦୂତ' କାଗଜର ସମ୍ପାଦକ ଥିଲେ ଅଞ୍ଜନ କୁମାର ବାନାର୍ଜୀ। ସେ ମୋତେ ସାମ୍ବାଦିକତା ପାଇଁ ପ୍ରବର୍ତ୍ତାଇଲେ। ଲକ୍ଷ୍ନୌରୁ ପ୍ରକାଶିତ 'ଦୈନିକ ଜାଗରଣ', ଦିଲ୍ଲୀର 'ଅମର ଉଜାଲା' ଓ 'ଆଉଟ୍ ଲୁକ୍' (ମାସିକ ଦ୍ୱିଭାଷିକ ପତ୍ରିକା)ରେ ମୁଁ କାମ କରିଛି।

◆ ଆପଣ ଆକର୍ଷଣୀୟ ଭ୍ରମଣ ବୃତ୍ତାନ୍ତ ବି ଲେଖନ୍ତି। ଏଥିପ୍ରତି ଆକର୍ଷଣ ବଢ଼ିଲା କିପରି?

❍ ନାନା ଆଡ଼େ ବୁଲାବୁଲିର ଅନିଶ୍ଚିତତା ମୋତେ ଜିଇବା ଶିଖାଇଲା। ଉତ୍ତର-ପୂର୍ବ-ଭାରତ ସମ୍ପର୍କରେ ଲିଖିତ ମୋର ଭ୍ରମଣ ବୃତ୍ତାନ୍ତ ମୋ' ଭିତରେ ଥିବା ଭ୍ରମଣ ପିପାସାର ହିଁ ଫଳଶ୍ରୁତି। ଉତ୍ତର-ପୂର୍ବାଞ୍ଚଳର ଉଗ୍ରବାଦୀମାନେ ଯେତେବେଳେ ଏକା ମାସକେ ୧୫୦ ଜଣ ହିନ୍ଦୀଭାଷୀଙ୍କୁ ହତ୍ୟା କରିଥିଲେ, ସେହି ରାଜନୈତିକ ତୀବ୍ରତା ଭିତରେ ମୁଁ ଏହି ଅଞ୍ଚଳକୁ ମୋର ଭ୍ରମଣ ଅବ୍ୟାହତ ରଖିଥିଲି। ଉଗ୍ରବାଦ ମୋ' ଭ୍ରମଣ-କାହାଣୀର କେନ୍ଦ୍ରୀୟ ଧ୍ୟେୟ ହୋଇଥିବାରୁ ଏହା ପାଠକ ଭିତରେ ବଣନିଆଁ ପରି ଖେଳିଯାଇଛି।







- ପ୍ରଶ୍ନ ଓ ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ

ସ୍ମରଣୀୟ

ସୀତେଶ ତ୍ରିପାଠୀଙ୍କ ଜନ୍ମ ୧୯୫୭ରେ, କଟକ ସହରରେ; ଯଦିଓ ତାଙ୍କର ଭିଟାମାଟି ଜଗତ୍‌ସିଂହପୁର ଜିଲାର ରାଉତରାପୁର। ପ୍ରକାଶିତ ଗଳ୍ପଗ୍ରନ୍ଥ: 'ଫେରାର ମଣିଷ', 'ମିତ', 'ସେଇ ବୁଢ଼ାଲୋକ', 'ଜେଜେମାଙ୍କ ଡାଇରୀ', 'ବିଜେତା ଓ ଅନ୍ୟାନ୍ୟ ଗଳ୍ପ'। ମଝିରେ ମଝିରେ ଲେଖନ୍ତି କବିତା ଓ ରଚି ବସନ୍ତି ନାଟକ। ୨୦୧୧ରେ 'ତେଜସ୍ୱିନୀ' ଅନୁବାଦ ପୁସ୍ତକ ପାଇଁ ତାଙ୍କୁ ମିଳିଛି 'ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର'। ଏଥରର 'ସ୍ମରଣୀୟ'ରେ ତାଙ୍କର ଏକ ଚର୍ଚ୍ଚିତ ଗଳ୍ପ 'ଅସୁର'...

# ଅସୁର

ସୀତେଶ ତ୍ରିପାଠୀ

ଏବେକା ଗପରେ ଆଉ ତୋ' ଗପ ଭଳି ମଜା ନାହିଁ ମ ଜେଜେମା'। ମୁଁ ଅଭିଯୋଗ କଲି ମୋ' ଅଶୀତିପର ବୁଢ଼ୀମା' ଆଗରେ। କଥା କ'ଣ କି ଜେଜେମା', ଏବେକା ଗପରେ ତୋ' ଗପ ଭଳି ରାଜାରାଣୀ, ଗୁଣୀ ମାଲ୍ୟାଣୀ, ଅସୁର ଅସୁରୁଣୀଙ୍କ କଥା ଆସୁନାଇଁ ତ, ଗପ ଆଉ ଜମୁନି। ସେଇସେଇ କଥା, ସେଇସେଇ କାହାଣୀ। ଥ୍ରୀଲ୍ ନାହିଁ, ସସ୍‌ପେନ୍ସ ନାହିଁ।

ଥ୍ରୀଲ, ସସ୍‌ପେନ୍ସ ଭଳି ଇଂରାଜୀ ଶବ୍ଦର ଅର୍ଥ ବୁଝୁ କି ନ ବୁଝୁ ଜେଜେମା' କିନ୍ତୁ କହିଲା- କେଜାଣି! ଆମ ବେଳର ଗପ ଆଉ ଅଛି କିରେ! ବଣ ଜଙ୍ଗଲ, ପାହାଡ଼ ଖୋଲ, ସବାଖିଆ ଅସୁର...

ଅଷ୍ଟମ ଶ୍ରେଣୀ ପରୀକ୍ଷା ସରିଥାଏ। ଟିଭି ସାମ୍ନାରେ ବସି ସୋପ୍ ଅପେରା ଦେଖି ସମୟ ନଷ୍ଟ କରିବାକୁ ମୁଁ ପସନ୍ଦ କରେନାହିଁ। ପରୀକ୍ଷା ସରିଲା ମାତ୍ରକେ ମୁଁ ଖୋଜେ ଗପ। ପଞ୍ଚତନ୍ତ୍ର ଗପ, ରାଜାରାଣୀ ଗପ, ରବିନ୍ ହୁଡ୍, ହ୍ୟାରିପୋଟର ଇତ୍ୟାଦି...

ଜେଜେମା'ଙ୍କୁ କହିଥିବା କଥାଟି, ତାଙ୍କଠାରୁ ସନ୍ତୋଷଜନକ ଉତ୍ତର ନ ପାଇ, ବାପାଙ୍କୁ କହିବାରେ ସେ କହିଲେ- ତୁ ଏବେ ପିଲା। ଟିକେ ବଡ଼ ହେଲା ପରେ ବୁଝିବୁ, ସେବେକା ଓ ଏବେକା ଗପ ପ୍ରାୟ ସମାନ। ସବୁ ସେଇ ଅସୁର ଗପ। କିଛି ଫରକ ନାହିଁ।

ବାପାଙ୍କ କଥା ମୋ' ପିଲାମନକୁ ପାଇଲାନି। କହିଲି- କେମିତି ମ! ମୁଁ ସିନା ବଡ଼ ହେବି, ଗପ କ'ଣ ବଦଳିଯିବ? ଗପରେ ମୁଁ ଅସୁରଙ୍କୁ କୋଉଠୁ ଖୋଜିବି!

ବାପା କହିଲେ- ଆରେ ବାୟା! ଗପ ବଦଳିଯିବ ନାହିଁ, ତୋ' ବୁଝିବା ବଦଳିଯିବ। ଏବେକା ଗପରେ ବି ସେଇ ଅସୁର ଓ ରାଜାରାଣୀ, ରାଜକୁମାର, ରାଜମହଲ ଓ ଅସୁର ଗୁମ୍ଫା। ତେବେ ତୋ' ଜେଜେମା' କାହାଣୀ ପେଡ଼ିର ଅସୁରଙ୍କ ଭଳି ସେମାନେ ଅନ୍ତଲପେଟିଆ, ବାର୍‌ହାଦାନ୍ତିଆ କି ଶିଙ୍ଗବାଲା ହୁଏତ ନୁହନ୍ତି। ସେମାନେ ହେଇପାରନ୍ତି ଚହଟଚିକ୍କଣ। ହୋଇପାରେ ସେମାନଙ୍କ ବେଶପାରିପାଟୀ ଅଲଗା। ସ୍ଥାନ କାଳ ଅଲଗା। ସେମାନେ ହୁଏତ ଗର୍ଜନ କରନ୍ତିନି। ମିଠା କଥା କହିପାରନ୍ତି। ମନ ମୋହି ନେଇ ପାରନ୍ତି। ଖାଇବାରେ ବାଛବିଚାର କରନ୍ତିନି। ଯାହା ପାଆନ୍ତି ଖାଆନ୍ତି। ପାହାଡ଼ ଖୋଲରେ ରହନ୍ତିନି, ବଜାରଘାଟରେ ଖୋଲାମେଲାରେ ଘୂରି ବୁଲନ୍ତି। ସର୍ବତ୍ର ଆତଯାତ ତାଙ୍କର। ସ୍କୁଲ, କଲେଜ, କନ୍ୟାଶ୍ରମ, ଅନାଥାଶ୍ରମ, ଡାକ୍ତରଖାନା, କଲେକ୍ଟରେଟ୍, ସେକ୍ରେଟାରିଏଟ୍‌ଠୁଁ ନେଇ ବିଧାନସଭା, ଲୋକସଭାଯାଏଁ। ସେବେ ସିନା ଅସୁରଙ୍କ ଘର ଥିଲା ଅଗନାଅଗନି ବଣ, ଏବେ ଅସୁର ମିଳିପାରନ୍ତି ଘରେଘରେ। ଶୁଣ ଗପଟିଏ। ଅସୁର ଗପ। ବଡ଼ ଭୟଙ୍କର ଅସୁର। କଞ୍ଚା ମାଂସଖିଆ ଗୋଟା ଗିଳି ପକାଉଥିବା ଅସୁର।

ମୁଁ ପରମ ଆଗ୍ରହରେ ବସିପଡ଼ିଲି ଶୁଣିବା ଲାଗି ବାପାଙ୍କଠାରୁ ଗପ। ଅସୁର ଗପ। ବାପା କହିବା ଆରମ୍ଭ କଲେ: ବହୁବହୁ ବର୍ଷ ଆଗେ ଯେବେ...

ପୃଥିବୀସାରା ଜନପଦ ଥିଲା ଖୁବ୍ କମ୍ ଓ ତିନି ଭାଗ ଜଳ ବା'ଦେ ଯୋଉ ଭାଗକ ସ୍ଥଳ, ତହିଁରୁ ବହୁ ଭାଗ ଥିଲା ଜଙ୍ଗଲ। ସେବେ... ଜନପଦରେ ବିରାଜୁଥାଏ ଅଖଣ୍ଡ ଶାନ୍ତି। ଲୋକେ ଥାଆନ୍ତି ଭ୍ରାତୃତ୍ୱ ଭାବରେ ବନ୍ଧା। ସ୍ନେହ, ସଦିଚ୍ଛା ଓ ପ୍ରଚୁର ଭଲପାଇବା ଭିତରେ କାଳ କାଟୁଥାନ୍ତି ସେମାନେ। ଲୋଭ, ଈର୍ଷା, ଦ୍ୱେଷ କିମ୍ବା ଗ୍ରାସ କରିଯିବାର ଅନ୍ୟାୟ ଆକାଂକ୍ଷା ଛୁଇଁ ନ ଥାଏ ଜନପଦ। ସୂର୍ଯ୍ୟ ଚନ୍ଦ୍ର ତାରା ଠିକ୍ ମତେ ଆତଯାତ ହେଉଥାନ୍ତି ମହାକାଶରେ।



ସେମାନଙ୍କ ସହ ତାଳ ଦେଇ ସମୟାନୁସାରେ ଆସୁଥାନ୍ତି ଯାଉଥାନ୍ତି ଋତୁମାନେ। ପ୍ରଚୁର ସବୁଜିମା ଆଉ ଫୁଲଫଳରେ ଭରପୂର ଥାଏ ପୃଥିବୀ। ଭରପୂର ଥାଏ ବି ପ୍ରାଚୁର୍ଯ୍ୟ।

ଅଘଟଣଟିଏ ଘଟିଲା କିନ୍ତୁ ଏକଦା।

ତାକୁ ବିପର୍ଯ୍ୟୟ ହିଁ କୁହାଯାଇପାରେ।

ଜନପଦକୁ ଘେରିଥାଏ ନିଘଞ୍ଚ ଅରଣ୍ୟ। ତୋ' ଜେଜେମା' ଗପ ଭାଷାରେ ଅଗନାଅଗନି ବଣ। ସେ ବଣରେ ଗଛରୁ ପତ୍ରଟେ ଝଡ଼ିଲେ ଶୁଭେ ପଥର ପଡ଼ିଲା ଭଳି। ସେ ଅରଣ୍ୟର ଶୋଭା ବଢ଼ାଉଥାନ୍ତି ବିସ୍ତୃତ ବଡ଼ବଡ଼ ବୃକ୍ଷ। ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରି ସେମାନେ ସତେବା ସୂର୍ଯ୍ୟଙ୍କୁ ଛୁଇଁବା ଲାଗି ହୋଇଥାନ୍ତି ଆକାଶମୁଖୀ। ସେଇ ଆକାଶଛୁଆଁ ବୃକ୍ଷଗୁଡ଼ିକ ବହଳ ଭେଦି ସୂର୍ଯ୍ୟକିରଣ କଦବା କ୍ୱଚିତ ଛୁଇଁଥାଏ ମାଟି। ସେଦିନ ବଣମୁଲକର ବାସିନ୍ଦାଙ୍କର ଜାଣ ଉତ୍ସବ ମନାଇବା ଦିନ। ମନାଇଥିଲେ ବି। ମନରେ ମନ ମିଳେଇ ହାତରେ ହାତ ଛନ୍ଦି। କେବଳ ଜଣଙ୍କୁ ଛାଡ଼ି। ସେମାନେ ସଭିଏଁ ଆନନ୍ଦ ମନରେ ଖରା ପୁଉଁଥିଲେ ଓ କେତେ କ'ଣ ଦୁଃଖ ସୁଖ ନିଜନିଜ ଭିତରେ ହେଉଥିଲେ। କେବଳ ସେଇ ଜଣକୁ ଛାଡ଼ି। ଆଶାଠାରୁ ଅପ୍ରତ୍ୟାଶିତ କମ୍ ସମୟ ଭିତରେ ଖରା – ଅଢ଼େଇଦିନିଆ ସାଂସାରିକ ସୁଖ ସମ-ଲେଉଟିଗଲେ ସେମାନେ ମୁହଁ ଶୁଖେଇ ଦେଉଥିଲେ ଏବଂ ପୁନରପି ହଜିଯାଉଥିଲେ ଅନ୍ଧକାର ଗର୍ଭରେ। କହିବା ବାହୁଲ୍ୟ, ସେଇ ଜଣକୁ ଛାଡ଼ି।

ସେଇ ଜଣକ, ମାନେ ସେଇ ବ୍ୟତିକ୍ରମଟି ଆନନ୍ଦ ଆତିଶଯ୍ୟରେ ନାଚି ଉଠୁଥିଲା। ତା' ଜଳିଲା ଜଳିଲା ଆଖି ଅନ୍ଧାର ଭିତରେ ବେଶିବେଶି ଜଳି ଉଠୁଥିଲା। ତୀବ୍ର ଅଟ୍ଟହାସ୍ୟରେ ସେ ଥରେଇ ଦଉଥିଲା ବଣମୁଲକ। ବଣର ବାସିନ୍ଦା ଶାକାହାରୀ, ମାଂସାହାରୀ, ହିଂସ୍ର ଅହିଂସ୍ର ପଶୁପକ୍ଷୀଙ୍କ ଗହଣରେ ସେଇ ବ୍ୟତିକ୍ରମଟି ଥିଲା ଅସୁର।

ଜେଜେମା' ଗପର ଅସୁର ଭଳି ସେ ଅସୁରର ବି ଥିଲା ଅଥାର ହାଣ୍ଡିପରିକା ମୁଣ୍ଡ। ଶଗଡ଼ଚକ ପରିକା ଆଖି ଓ ଧାନ ମରେଇ ପରିକା ଅନ୍ତଲପେଟ। ସେ ସର୍ବଦା ତା'ର ଆଖିଡୋଳା କୁରାଳଚକ୍ର ପରାୟେ ଘୂରେଇ ଘୂରେଇ ଖୋଜୁଥିଲା ଖାଦ୍ୟ। ତା' ସର୍ବଗ୍ରାସୀ କ୍ଷୁଧାର ପ୍ରଶମନ ପାଇଁ, ଯାହା ଆଦୌ ପ୍ରଶମିତ ହେଉ ନ ଥିଲା। ଖାସ୍ ସେଇଥିଲାଗି ଅନ୍ତଲପେଟକୁ ଢୋଲ ପରିକା ପିଟିପିଟି ସେ ଅନବରତ କୁହାଟୁଥିଲା, 'ଖାଇବି ଖାଇବି'। ତା'ର ସେଇ ଅସଭ୍ୟ ଧ୍ୱନିର ପ୍ରତିଧ୍ୱନି ସମୁଦାୟ ଅରଣ୍ୟ ମୁଲକକୁ ଥରେଇ ଦଉଥିଲା।

ଆନନ୍ଦର କଥା ଯେ, ଅସୁରର ସେ ଅସଭ୍ୟ 'ଖାଇବି ଖାଇବି' ଗର୍ଜନ ଜଙ୍ଗଲର ବହଳ ଭେଦି ସଭ୍ୟ ଜନପଦରେ ସେଯାଏ ପ୍ରତିଧ୍ୱନିତ ହୋଇ ନ ଥିଲା। ଅତଃ ଜନପଦରେ ବିରାଜୁଥିଲା ସୁଖ, ଶାନ୍ତି ଓ ପ୍ରାଚୁର୍ଯ୍ୟ। ସର୍ବଗିଳାଙ୍କ ଅନୁପସ୍ଥିତି ସେଠି ନିଶ୍ଚିତ କରିଥାଏ ସହିଷ୍ଣୁ ସହାବସ୍ଥାନ ଓ ସମାନତା।

ଲୋକାଳୟ ଥାଏ ସିନା ଶାନ୍ତ, ମାତ୍ର ଅସୁରର ଉପସ୍ଥିତି ହେତୁ ବଣମୁଲକ ଥାଏ ସର୍ବଦା ଅଶାନ୍ତ ଓ ଭୀତତ୍ରସ୍ତ। ଅସୁରର ଅବିରାମ 'ଖାଇବି ଖାଇବି' ରଡ଼ି ପାଖେ ବଣମୁଲକ ହେଇପଡୁଥିଲା ଅସହାୟ। ସେ ଅସଭ୍ୟ ରଡ଼ି ପାଖେ, ଏମିତିକି ସୂର୍ଯ୍ୟ ଚନ୍ଦ୍ର ତାରା ସୁଦ୍ଧା ହାର ମାନୁଥିଲେ। କୁଳୁକୁଳୁ ନିନାଦିନୀ ପାହାଡ଼ି ଝରଣା ଓ କୁହୁ ତୋଳୁଥିବା କୋଇଲିମାନେ ଭୁଲି ଯାଉଥିଲେ ତାନ। କଅଁଳପତ୍ର, ଦୂବଘାସ, ଆମ୍ବବଉଳ, ଫୁଲକଢ଼ମାନେ ଜଳି ଯାଉଥିଲେ। ଫୁଲମାନେ ହେଇ ଯାଉଥିଲେ ବାସ୍ନାହୀନ। ବୃକ୍ଷମାନେ ଲାଜେଇ ଯିବା ହେତୁ ଥମି ଯାଉଥିଲା ପବନ। ଯଦିବା ବହୁଥିଲା କଦବା କ୍ୱଚିତ, ମନେ ହେଉଥିଲା ତାହା ଅରଣ୍ୟ ମୁଲକର ଦୀର୍ଘଶ୍ୱାସ।

ଅବଶେଷରେ ଦିନେ...

ଜନପଦ ଲାଗି ଆସିଲା ଚରମ ଦୁର୍ଦ୍ଦିନ। ସେ ଦିନର ତିଥି ଥାଏ, ଧରିନିଆଯାଉ ଅମାବାସ୍ୟା, ଜହ୍ନ ମୁହଁ ଛପା ଦେଇଥାଏ। ଗାଢ଼ ଅନ୍ଧକାରର ବହଳ ଚାଦର ଢାଙ୍କିଥାଏ ସମୁଦାୟ ମୁଲକ।

ଜନପଦରେ ଗାଢ଼ ନିଦରେ ଶୋଇ ଯାଇଥାନ୍ତି ଶାନ୍ତ ମଣିଷ। ଦୁର୍ଭାବନା-ରହିତ ସୁଖନିଦ୍ରାରେ। ଆମ୍ବ ଗଛର ବହଳ ଭିତରୁ ରହିରହି ରାବୁଥାଏ କୋଇଲି ଓ କବି ଗୁଣୁଗୁଣୋଉଥାଏ କବିତା। ପ୍ରେମୀଯୁଗଳ ଥା'ନ୍ତି ସ୍ୱପ୍ନରେ ବିଭୋର। ମା' କୋଳରେ ଜାକି ହୋଇ ଯାଇଥାନ୍ତି ଶିଶୁ। ମୃତ୍ୟୁର ଦ୍ୱାର ଖଟ୍‌ଖଟୋଉଥିବା ବୃଦ୍ଧଜନେ ମନେମନେ ଜପୁଥାଆନ୍ତି ରାମ ନାମ। କୃଷିଜୀବୀ ହାଲ୍‌କା ପବନରେ ଢେଉ ଖେଳାଉଥିବା ବହଳ ଶସ୍ୟକ୍ଷେତର ମୋହକ ସ୍ୱପ୍ନରେ ଥା'ନ୍ତି ମସ୍‌ଗୁଲ। ଅଚାନକ ଶ୍ୱାନପଲକ କାନ୍ଦି ଉଠିଲେ ବିକଳ ଭାବେ। ସମସ୍ୱରରେ।

ବୃଦ୍ଧଜନେ କାଇଁକି କେଜାଣି ଥରି ଉଠିଲେ ଓ 'ଅକାଳ ଅକାଳ' ସ୍ୱଗତୋକ୍ତି କରି ଦୁଇ ହାତ ଯୋଡ଼ି କପାଳ ଛୁଆଇଁଲେ।

ଅମାବାସ୍ୟାର ସେଇ ଅମାଅନ୍ଧାର ରାତିରେ ନିଜ ନିବାସସ୍ଥଳ ପୂତିଗନ୍ଧମୟ ପାହାଡ଼ ଗୁମ୍ଫାରୁ ପଦାକୁ ଗୋଡ଼ କାଢ଼ିଲା ଅସୁର। ଦିଗ୍‌ବିଦିଗ ଚହଟିଗଲା ପଚା ବାସ ମୁହୂର୍ତ୍ତକ ମଧ୍ୟରେ। ବାହାରି ପଡ଼ିବା ମାତ୍ରକେ 'ଖାଇବି ଖାଇବି' ଗର୍ଜିଲା ଓ ତା'ର ଅସଭ୍ୟ ଗର୍ଜନରେ ଅରଣ୍ୟ ଥରିଗଲା।

ବୃକ୍ଷମାନେ ସତେକି ଲୋଟିପଡ଼ିଲେ-କ୍ଷୋଭରେ। ପାହାଡ଼ ସତେବା ଖଣ୍ଡଖଣ୍ଡ ହେଇ ଭାଜି ପଡ଼ିଲା-ଗ୍ଳାନିରେ। ଜହ୍ନ ତ କୋଉ କାଳୁ ମୁହଁ ଲୁଚେଇ ସାରିଥିଲା-ଲଜ୍ଜାରେ। ଅଳସ ଭାଙ୍ଗି ପଶୁରାଜ ସିଂହ ତିର୍ଯ୍ୟକ ଚାହାଣି ଫିଙ୍ଗିଲା ଅସୁରକୁ-ତା' ଚାହାଣିରେ ଘୃଣା ଓ ତାଚ୍ଛଲ୍ୟ। ମହାବଳ ହେଷ୍କାଳି ଦେଲା – ତତେ ଧିକ୍। ମୁଁ ମାଂସାହାରୀ ଠିକ୍, ଶିକାର କରେ ଠିକ୍, ହେଲେ ଠିକ୍ ସେତିକି, ଯେତିକି ଲୋଡ଼ା ମତେ ବଞ୍ଚିବାକୁ। ଦନ୍ତାବଳ ହାତୀ ତା'ର କୁଲା ପରିକା କାନକୁ ପାଛୁଡ଼ି ଅସୁରର ଅସଭ୍ୟ ରଡ଼ିକୁ ବାଏଁ ବାଏଁ ଉଡ଼େଇ ଦେଲା, ପାଖ ପଶିବାକୁ ବି ଦେଲାନି। ଚଢ଼େଇମାନେ ତ ଗୀତ ଗାଇବା କେବେଠାରୁ ଭୁଲି ସାରିଥିଲେ, ମାତ୍ର ମାଙ୍କଡ଼ ପଲକ ଖତେଇ ହେବା ଜମାରୁ ଭୁଲି ନ ଥିଲେ। ତେଣୁ ସେମାନେ ଅସୁରକୁ ଖତେଇ ହେଲେ, ତାଚ୍ଛଲ୍ୟ କଲେ, ଖିଙ୍କାରି ହେଲେ। ହତଭମ୍ବ ନିରୀହ ଶଶା ଗୋଟିଏ ବୁଦା ଭିତରେ ନିଜକୁ ଜାକିଦେଇ ଜୁଳୁଜୁଳୁ କରି ଚାହିଁଥାଏ। ତା' ନିରୀହ ଆଖି କ'ଣ କହୁଥାନ୍ତି କେଜାଣି!!

ବଣମୁଲକର ଏ ସକଳ ପ୍ରତିକ୍ରିୟା ପ୍ରତି ଅସୁରର ନ ଥାଏ ସାମାନ୍ୟତମ ଭ୍ରୂକ୍ଷେପ। ଅରଣ୍ୟକୁ ମାଡ଼ିମକଚି ସେ ମାଡ଼ି ଚାଲୁଥାଏ ଏକମୁହାଁ ଓ ତା'ର ଖରଶ୍ୱାସ ତୋଳୁଥାଏ 'ଖାଇବି ଖାଇବି' ଧ୍ୱନି। ନିଃଶ୍ୱାସ ବି ପ୍ରତିଧ୍ୱନି ତୋଳୁଥାଏ 'ଖାଇବି ଖାଇବି'।

ଅସୁରକୁ ଅନୁସରଣ କରୁଥାଏ ପ୍ରାୟ ଦୌଡ଼ିଲା ଭଳି ଶୃଗାଳ। କହିବା ବାହୁଲ୍ୟ, ଶୃଗାଳ ହିଁ ଥାଏ ଅରଣ୍ୟ ମୁଲକର ଅବିବେକ ଅସୁରର ଏକମାତ୍ର ସଖା, ସୋଦର, ପରାମର୍ଶଦାତା, ସ୍ତାବକ ଏବଂ ଆଉ ଯେତେଯାହା କୁହାଯାଇପାରେ।

ଅସୁର ଖେଦି ଯାଉଥାଏ ତମାମ ବଣ, ସାଙ୍ଗରେ ଶୃଗାଳ।

ଯାଛାତା' ଗିଳି ପକଉଥାଏ, ବିକଳ ନୟନରେ ଚାହିଁଥାଏ ଶୃଗାଳ।

ଶୃଗାଳର ବିକଳ ଚାହାଣି ଦେଖି ଅସୁର ଅଟ୍ଟହାସ୍ୟ କରେ ଓ ଅଇଁଠା ଟୁକୁଡ଼ା ଖଣ୍ଡେ ଅଧେ ଫିଙ୍ଗିଦିଏ ତା' ମୁହଁକୁ।

ଶୃଗାଳ ଚଟାପଟ୍ ସେତକ ଗିଳିଦେଇ ବ୍ୟାକୁଳ ନୟନରେ ପୁଣି ଚାହିଁ ରହେ ଅସୁରର ଉଚ୍ଛିଷ୍ଟକୁ, ଓଠ ଉପରେ ଲହଲହ ଜିଭ ବୁଲେଇ।

ଏମିତି ସର୍ବସ୍ୱ ଚରିଯିବା ଭିତରେ ରାତି ପାହାନ୍ତାକୁ ଅସୁର ପାଇଲା ଆଚମକା ଧକ୍କା ଓ ଥମ୍ କରି ଛିଡ଼ା ହେଇଗଲା। ଆଖିରେ, ମୁହଁରେ ଫୁଟିଲା ଚରମ ଆକ୍ରୋଶ, ଯାହା କ୍ରମେ ଅସହାୟତାର ରୂପ ନେଲା। ଅସୁର ପଛେପଛେ ଥମିଗଲା ବି ଶୃଗାଳ। ପ୍ରଶ୍ନିଳ ଆଖିରେ ଚାହିଁ ରହିଲା ଅସୁରକୁ।

'କ'ଣ ଖାଇବି'? ଆଖି କୁରାଳଚକ୍ର ପରାୟେ ଘୂରେଇ ଭୟଙ୍କର ଗର୍ଜନ ଛାଡ଼ି ଅସୁର ପଚାରିଲା ଶୃଗାଳକୁ।

'କାହିଁକି! ଚରା'! ବିସ୍ମିତ ଶୃଗାଳ ଚଟାପଟ୍ ଉତ୍ତର ଦେଲା।

'ଚରା କାହିଁ?' ଅସୁରର ନୈରାଶ୍ୟ ଏବେ ଚରମକୁ ଛୁଇଁଲା। ଅନ୍ତଲପେଟକୁ ଢେଙ୍ଗୁରା ଭଳି ପିଟିପିଟି ସେ ତା' ପୂର୍ବ ପ୍ରଶ୍ନ ଦୋହରାଇଲା- କ'ଣ ଖାଇବି?

ଶୃଗାଳ ଏବେ ସଜାଗ ହେଲା। ତା'ର ସନ୍ଧାନୀ ଦୃଷ୍ଟି ଅରଣ୍ୟ ତମାମ ଘୂରେଇ ଆଣି ସ୍ୱଗତୋକ୍ତି କଲା-ବୁଝିଲି। ଅରଣ୍ୟ ମୁଲକରୁ ଚରା ଶେଷ।

ଅସୁର ଗର୍ଜୁଥାଏ ଘନଘନ-କ'ଣ ଖାଇବି? କ'ଣ ଖାଇବି?

'ଦୈତ୍ୟ ମହାରାଜ!' ସକଳ ବିଦ୍ୟାବୁଦ୍ଧି ଖଟେଇ ଦୁଷ୍ଟବୁଦ୍ଧି ଶୃଗାଳ ଅସୁରକୁ ପରାମର୍ଶ ଦେଲା- 'ନିରାଟ ସତ୍ୟଟି ହେଲା, ବଣମୁଲକରେ ଆଉ ଚରା ନାହିଁ। ସବୁକିଛି ଆମେ ଗର୍ଭସ୍ଥ କରି ସାରିଲେଣି।'

'ତା ହେଲେ ଏବେ?' ଅସୁର କୁହାଟିଲା।

'ଏବେ ମୁହାଁଇବାକୁ ହେବ ଲୋକାଳୟକୁ।' ଶୃଗାଳ କହିଲା ଚଟ୍‌କିନି।

'ତେବେ ମିଳିବ?' ଶୃଗାଳ ତୁଣ୍ଡରୁ କଥା ବାହାରୁ ନ ବାହାରୁଣୁ ଅସୁର ପକେଇଲା ବିରାଟ ହାକୁଟି।

ଶୃଗାଳ କହୁଥାଏ ଦାନ୍ତ ଚିପିଚିପି- ଲୋକାଳୟରେ ପ୍ରଚୁର ଚରା।

'ଆଚ୍ଛା! ତା'ହେଲେ ମାଡ଼ିଯିବା?' ଅସୁର ଗର୍ଜିଲା।

'ହଜୁର୍, ଯିବା ତ ନିଶ୍ଚେ, ତେବେ ଯିବାକୁ ହେଲେ...'

'ଯିବାକୁ ହେଲେ'? କଥା ଛଡ଼େଇ ଉଦ୍‌ଗତ ଲାଳତକ ଶୋଷାଡ଼ି ନେଇ କହିଲା ଅସୁର ଓ ପ୍ରକଟ କଲା ତା'ର ଉଦ୍‌ବିଗ୍ନତା।

''ଆପଣଙ୍କୁ ରଚିବାକୁ ହବ ମାୟା। ହେ ରାଜାଧିରାଜ ଦୈତ୍ୟ ମହାରାଜ! ଆସୁରି ମାୟା ପ୍ରୟୋଗରେ ଏ ଭେକ ବଦଳାଇ କରିବାକୁ ହବ ସୁନ୍ଦର ସୁଠାମ। ଆଭିଜାତ୍ୟସମ୍ପନ୍ନ। ଆମ ଭାବନାମାନଙ୍କ ଉପରେ ବହଳ କରି ଲେପି ଦବାକୁ ହବ ଆସୁରି ମାୟାର ପୁଟ। ଯେନତେନ ପ୍ରକାରେଣ, ଆପଣଙ୍କୁ ହାତେଇବାକୁ ହବ ଲୋକାଳୟ ପ୍ରଚଳିତ ନିର୍ମଳ ଭାବମୂର୍ତ୍ତି। ଆଉ 'ଖାଇବି ଖାଇବି' ଗର୍ଜିବେନି। ମିଠା ଗଳାରେ, ଆଖିରେ ଅଶ୍ରୁଜଳ ଭରି ଯୋଡ଼ ହସ୍ତ ହେଇ କହିବେ, ସେବକ ମୁଁ, ସେବା ଲାଗି ମୋର ଜନ୍ମ, ସେବା କରିବି ଶରୀରରେ ଶେଷ ରକ୍ତବିନ୍ଦୁ ପ୍ରବାହିତ ହେଉଥିବା ଯାକେ। କହିବେ ଓ କାନ୍ଦକାନ୍ଦ ହେବେ। ଦରକାର ପଡ଼ିଲେ କଇଁ ଉଠେଇ କାନ୍ଦିବେ।''

'ଆଚ୍ଛା! ଆଉ ତୁ?' ଅସୁର ସ୍ନେହରେ ଶୃଗାଳ ଗାଲରେ ସରୁ ଚଟକଣିଟେ ମାରି ପଚାରିଲା ମୁଲାଏମ୍ ଗଳାରେ।

ଶୃଗାଳ କହିଲା ହାତ ମଳିମଳି- ହେ ମୋ' ଜନ୍ମଜନ୍ମାନ୍ତରର ପ୍ରଭୁ! ଆପଣ କାୟା ହେଲେ ମୁଁ ହେବି ଛାୟା। ଆପଣ ଜନତାର ସେବକ ସାଜିଲେ ମୁଁ ହେବି ଆପଣଙ୍କ ପରମ ସେବକ। ଆସୁରି ମାୟାରେ ମୋ' ଶୃଗାଳ ଭେକ ବଦଳାଇ ମତେ ବନେଇ ଦେବେ ପାଖଲୋକ। ନବ ପ୍ରଜନ୍ମରେ ମୁଁ ହେବି କାଲ, ଜଡ଼ା ଆଉ ବୋକା। କାହାରି କଥା ଶୁଣିବିନି ଖାଲି ଆପଣଙ୍କ ଛଡ଼ା। କାହାରି ମୁହଁ ଚାହିଁବିନି ଖାଲି ଆପଣଙ୍କ ଛଡ଼ା। କାହାରିକୁ କିଛି କହିବିନି ଆପଣଙ୍କ କଥା।

'ତା'ହେଲେ ଚରା ମିଳିଯିବ?' ଉଦ୍‌ଗତ ଲାଳକୁ ଆଉ ଥରେ ତୋଟି ଭିତରକୁ ଶୋଷାଡ଼ି ନେଇ ଉତ୍କଣ୍ଠା ପ୍ରକଟ କଲା ଅସୁର।

ଶୃଗାଳ କହିଲା- ନିଶ୍ଚେ ମିଳିବ। ମିଳିବ ଆଶାତୀତ। ନିର୍ମଳ ଭାବମୂର୍ତ୍ତିର ସୁରକ୍ଷିତ କବଚ ତଳେ ସେବକ ସେବକ ଭଜି ଆପଣ ଧୀରେସୁସ୍ଥେ ସମୁଦାୟ ଲୋକାଳୟକୁ ଚରିଯିବେ। କିଂଚିତ୍ ଅଇଁଠା, ପ୍ରସାଦ ଭାବେ ପାଇ ମୁଁ କୃତାର୍ଥ ହେଉଥିବି ଏବଂ ଏ ମୋ'ର ତ୍ରିବାର ଶପଥ- ସୂର୍ଯ୍ୟ ଚନ୍ଦ୍ର ତାରା ଆତଯାତ ହେଉଥିବାଯାକେ ମୁଁ ଆପଣଙ୍କୁ ପ୍ରଭୁ ମଣୁଥିବି।

'ସାବାସ୍।' ଅସୁର ଶୃଗାଳକୁ ପ୍ରଶଂସାରେ ପୋତି ପକାଇଲା ଏବଂ ତତ୍‌କ୍ଷଣାତ୍ ପାଦ ବଢ଼େଇଲା ଲୋକାଳୟକୁ। ଛାଇ ପରିକା ପଶ୍ଚାତ୍‌ଧାବନ କଲା ଧୂର୍ତ୍ତ ଶୃଗାଳ।

ଗପ ବଦଳିଯିବ ନାହିଁ, ତୋ' ବୁଝିବା ବଦଳିଯିବ। ଏବେକା ଗପରେ ବି ସେଇ ଅସୁର ଓ ରାଜାରାଣୀ, ରାଜକୁମାର, ରାଜମହଲ ଓ ଅସୁର ଗୁମ୍ଫା। ତେବେ ତୋ' ଜେଜେମା' କାହାଣୀ ପେଡ଼ିର ଅସୁରଙ୍କ ଭଳି ସେମାନେ ଅନ୍ତଲପେଟିଆ, ବାର୍‌ହାଦାନ୍ତିଆ କି ଶିଙ୍ଗବାଲା ହୁଏତ ନୁହନ୍ତି। ସେମାନେ ହେଇପାରନ୍ତି ଚହଟଚିକ୍କଣ। ହୋଇପାରେ ସେମାନଙ୍କ ବେଶପାରିପାଟୀ ଅଲଗା। ସ୍ଥାନ କାଳ ଅଲଗା। ସେମାନେ ହୁଏତ ଗର୍ଜନ କରନ୍ତିନି। ମିଠା କଥା କହିପାରନ୍ତି। ମନ ମୋହି ନେଇ ପାରନ୍ତି। ଖାଇବାରେ ବାଛବିଚାର କରନ୍ତିନି। ଯାହା ପାଆନ୍ତି ଖାଆନ୍ତି। ପାହାଡ଼ ଖୋଲରେ ରହନ୍ତିନି, ବଜାରଘାଟରେ ଖୋଲାମେଲାରେ ଘୂରି ବୁଲନ୍ତି।

ଅସୁର ଜନପଦକୁ ବନେଇଲା ସ୍ଥାୟୀ ନିବାସ ଓ ରାଜକନ୍ୟାଙ୍କୁ ବନାଇଲା ବନ୍ଦୀ। ଅରଣ୍ୟ ମୁଲକର ସେହି ଦୃଶ୍ୟମାନ ଅସଭ୍ୟ ଅସୁର ଓ ଦୁଷ୍ଟ ଶୃଗାଳ ରକ୍ତବୀର୍ଯ୍ୟ ଭଳି କ୍ରମଶଃ ବଂଶବିସ୍ତାରୀ ସମୁଦାୟ ଲୋକାଳୟକୁ ସ୍ଥୂଳରୂପରେ ଗ୍ରାସ କରିଗଲେ। କ୍ରମେ ଲୋକଙ୍କ ସୂକ୍ଷ୍ମ ଚେତନାକୁ ଆସୁରି ମାୟାରେ କବଳିତ କରି ନେବା ଲାଗି ଆରମ୍ଭ କରିଦେଲେ ପ୍ରସ୍ତୁତି। ଯେମିତି ଲୋକ ପାଲଟିବେ ଅସୁର। ଆଉ ବନ୍ଦୀ ରାଜକନ୍ୟାଙ୍କ ଲାଗି ଦରଦ ରହିବ ନାହିଁ କାହାରି।

ସେଇଠୁ? ମୁଁ ପଚାରିଲି ଉତ୍କଣ୍ଠାର ସହ।

ବାପା କିନ୍ତୁ ଏଇଠୁ ଚୁପ୍ ରହିଲେ ଓ ପକାଇଲେ ଦୀର୍ଘଶ୍ୱାସ। ତା'ପରେ ମୋ' ଅଲରା ଚୂଳକୁ ସ୍ନେହଭରେ ସାଉଁଳି ଦେଇ କହିଲେ- 'ଅସୁର' ଗପଟି ଏଇଠି ସରିଲା।

'କେମିତି ମ! ବୀର ରାଜପୁତ୍ର ପକ୍ଷୀରାଜ ଘୋଡ଼ା ଚଢ଼ି ଏଯାଏଁ ଆସିନାହିଁ କି ଦୁଷ୍ଟ ଅସୁରକୁ ବଧ କରି ତା' କବଳରୁ ଜନପଦକୁ ମୁକୁଳି ନାହିଁ, ଗପ ସରିଯିବ କେମିତି?' କଥାଟି କହିଲା ବେଳେ କଳ୍ପିତ ବୀର ରାଜପୁତ୍ରଙ୍କ ତେଜ ଉଠି ମୋ' ଆଖିକି ଚକ୍‌ଚକ୍ କରି ଦେଉଥାଏ।

ବାପା କହିଲେ- ଆସିବେ ଆସିବେ, ନିଶ୍ଚେ ଆସିବେ ସାହସୀ ରାଜପୁତ୍ର। ଆସିବେ ତୁମରି ଭିତରୁ। ଅସୁର କବଳରୁ ମୁକାଳିବେ ବନ୍ଦିନୀ ରାଜକନ୍ୟାଙ୍କୁ, ରାଜ୍ୟକୁ, ଟିକିଏ ଅପେକ୍ଷା କରିଯା'। ଆଉ ରାଜ୍ୟ ଓ ରାଜକନ୍ୟାଙ୍କ ମୁକ୍ତି ମାନେ ଅସୁରର ମୃତ୍ୟୁ।

ବାପା ଏତିକି କହିସାରି ପୂରାପୂରି ଅନ୍ୟମନସ୍କ ହେଇଗଲେ।

ମୁଁ ବାପାଙ୍କ କଥାରୁ କିଛି ବି ଖିଅ ପାଇଲିନି।

ମୋ' ଆଖିରେ ପୂର୍ବବତ୍ ଲାଗି ରହିଲା ଅନୁସନ୍ଧିତ୍ସା।

ବାପା କେତେବେଳକେ ଦୀର୍ଘ ଶ୍ୱାସଟିଏ ପକାଇଲେ ଓ କହିଲେ- ଧନରେ! ଆଉ ଟିକେ ବଡ଼ ହେଇଯା'। ବଳେ ବୁଝିଯିବୁ, ତୋ' ଜେଜେମା' ଗପପେଡ଼ିର ଅସୁର ଓ ଏବେକା ଗପ ସବୁର ଅସୁର ଭିତରେ ସୂତାଏ ବି ଫରକ ନାହିଁ।

– ଫ୍ଲାଟ୍ ନଂ ବି/୫, ସାଇ ଟାୱାର, ନୂଆପଲ୍ଲୀ, ଭୁବନେଶ୍ୱର

# ସିନ୍ଦୂରା ଫାଟିବାର ବେଳ

ସୁନୀଲ ବୋଷ



ଆକାଶରେ କାଁ ଭାଁ କେଇଖଣ୍ଡ ଧଳାମେଘ। ଏବେ ଭୋର ବେଳଟା ଶୀତୁଆ ଶୀତୁଆ ଲାଗୁଛି। ରାସ୍ତାଟା ପୂରା ଫାଙ୍କା। ଦୋକାନ ବାରଣ୍ଡାରେ ଶୋଇଥିବା ଲୋକଗୁଡ଼ାକ ଆରମ୍ଭରୁ ବୋଧେ ଏମିତି ଶୋଇ ନ ଥିଲେ। ସତେ ଯେମିତି ଗୋଟିଏ ଗୋଟିଏ ପରିବାର।

ବୃଦ୍ଧଜଣକ ପାଚେରି ଉପରେ ଚଢ଼ି ଫୁଲ ଦୁଇଟିକୁ ଆଣିବାକୁ ଚେଷ୍ଟା କରୁଥିଲେ। ଗୋଟିଏ ହାତରେ ଫୁଲଝୁଡ଼ି। ଗୋଡ଼ ଦୁଇଟି ଥରୁଥିଲା ତାଙ୍କର। ମୁଁ କହିଲି-ଆପଣ ଓହ୍ଲାଇ ଆସନ୍ତୁ ମୁଁ ତୋଳି ଦଉଛି। ଏଠୁ ଫୁଲ ତୋଳିଲେ କେହି କିଛି କହିବେନି ତ ?

– ମୁଁ ସବୁଦିନ ତୋଳେ, ସେମାନେ ଜାଣନ୍ତି। ବୃଦ୍ଧଜଣକ ଉତ୍ତର ଦେଲେ।

ମୁଁ ଗଛରେ ଲାଗିଥିବା କାକରରେ ହାତ ଦୁଇଟିକୁ ଓଦାକରି ଫୁଲ ଦୁଇଟି ତୋଳି ଆଣିଲି। ବୃଦ୍ଧଜଣକ ଧନ୍ୟବାଦ ଜଣାଇଲେ।

ମୁଁ ପଚାରିଲି- ଆପଣ କ'ଣ ସବୁଦିନ ଏମିତି ଭୋର୍‌ରୁ ଉଠନ୍ତି ?

ସେ ହସିଲେ। କହିଲେ- ପଚିଶ ବର୍ଷର ଅଭ୍ୟାସ, ସବୁ କାମ ମୋତେ ହିଁ କରିବାକୁ ପଡ଼େ। ପିଲାମାନେ ବାହାରେ ରହନ୍ତି। ଏଠି ମୁଁ ଆଉ ବୁଢ଼ୀ। ପିଲାମାନେ ଦୁଇ ତିନି ବର୍ଷରେ ଥରେ ଆସନ୍ତି। ଏ ଜଳବାୟୁ ତାଙ୍କ ପିଲାଙ୍କ ଦେହରେ ଯାଏନି। ସେମାନେ ପଳାନ୍ତି। ଆମେ ଘର ଜଗି ପଡ଼ିଛୁ।

ଆଗ ମୋଡ଼ରେ ବୃଦ୍ଧଜଣକ ଛିଡ଼ା ହେଲେ। ତାଙ୍କ ଝୁଡ଼ିରୁ ଗୋଟେ ଡେମ୍ଫଲଗା ଫୁଲ ବାଛି ମୋ' ହାତକୁ ବଢ଼ାଇଦେଇ କହିଲେ-ନିଅ। ଠାକୁର ପୂଜା ପାଇଁ ନୁହେଁ, ତମକୁ ଦେଉଛି।

ମୁଁ ବୃଦ୍ଧଙ୍କ ହାତରୁ ଫୁଲଟି ନେଲି। ମୋର ମନେହେଲା ତା'ରି ଭିତରେ ଯେମିତି ଭରି ରହିଛି କେତେ ଯୁଗର ସାଇତା ଆନ୍ତରିକତା।

# ନିମନ୍ତ୍ରଣ

ବିନୟ କୁମାର ଦାସ

'ମା' କାଲି ମୋ' ସାଙ୍ଗ ଜଲିର ଜନ୍ମ ଦିନ। ସେ ମୋତେ ତାଙ୍କ ଘରକୁ ନିମନ୍ତ୍ରଣ କରିଛି।'

'ଭଲ କଥା, ସାଙ୍ଗର ଜନ୍ମଦିନ, ଚାଲିଯିବୁ।'

'ଯିବି ଯେ... କିଛି ଉପହାର ଦେବାକୁ ପଡ଼ିବ ନା!'

'ହଁ, ପଚାଶ ଟଙ୍କାରେ କିଛି ଗୋଟେ ଗିଫ୍ଟ କିଣି କରି ନେଇଯିବୁ।'

'କିନ୍ତୁ ମା', ଭାଇ ତ ତା' ସାଙ୍ଗ ମୋହିତ ଜନ୍ମଦିନରେ ଦୁଇ ଶହ ଟଙ୍କାର ଗିଫ୍ଟ ଦେଇଥିଲା।'

'ସେ କଥା ଅଲଗା। ତୁ' ପଚାଶ ଟଙ୍କାର ଦେବୁ।'

'ଏଇଟା କିନ୍ତୁ ଅନ୍ୟାୟ ମା'!'

'କିଛି ଅନ୍ୟାୟ ନୁହେଁ। ମୁଁ ଯାହା କହୁଛି ସେୟା କର।'

ସେ କାହିଁକି ଦେଲା, ତା'ର କିଛି କାରଣ ଅଛି। ତୁ ସେ କଥା ବୁଝି ପାରିବୁ ନି।

'ହୁଁ, ବୁଝି ପାରିବିନି? ବୁଝେଇଦେଲେ ବୁଝି ପାରିବିନି?'

''ତେବେ ଶୁଣ୍, ମୋହିତର ବାପା ତୋ' ବାପାଙ୍କର ଅଫିସର। ବାପାଙ୍କର ଏବେ ପ୍ରମୋଶନ ହେବାର ଶୁଣାଯାଉଛି। ତେଣୁ ଆମକୁ ସେ ଦିଗଟାକୁ ବି ଦେଖିବାକୁ ହେବ। ତା'ପରେ ମୋହିତ ଆମ ସମସ୍ତଙ୍କୁ ନିମନ୍ତ୍ରଣ କରିଥିଲା। ତୋ' ସାଙ୍ଗ ତ ଖାଲି ତୋତେ ଏକୁଟିଆ ଡାକିଛି।''

'ଓଃ! କଥା ତା'ହେଲେ ଏଇଠି!!'

– ଅନାମିକା ନୀଡ଼, ଅଙ୍ଗାର ଗଡ଼ିଆ, ବାଲେଶ୍ୱର

ଗଳ୍ପ

# ଚୋରି ଚୋରି

– ଡ. ଭବାନୀ ଶଙ୍କର ଦାଶ

ଖଣ୍ଡଗିରିରେ ପହଞ୍ଚିଲା ବେଳକୁ ରାତି ଦଶଟା। ଚଣ୍ଡିଖୋଲରୁ ବାଇକ୍‌ରେ ଫେରୁଥିଲି। ଆକାଶରେ ଭରା ମେଘ, ଏଇନେ ଅଜାଡ଼ି ପଡ଼ିବ ଯେମିତି। ଖଣ୍ଡଗିରି ଛକରେ ଘଟିଥିବା ଦୁର୍ଘଟଣା ପାଇଁ ରାସ୍ତା ବନ୍ଦ। ଟାୟାର ଜଳୁଛି ରାସ୍ତା ଉପରେ। ଅନ୍ୟ ବାଟ ନାହିଁ, ଗାଡ଼ିମୋଟର ଜାମ୍ ଯୋଗୁ ପଛକୁ ବି ଫେରିହେଲା ନାହିଁ। କଷ୍ଟେମଷ୍ଟେ କୌଣସିମତେ ବାଁ କଡ଼ ପାହାଡ଼ ପାଖଯାଏ ଚାଲିଗଲି। ରାସ୍ତା ଉପରେ ପାହାଡ଼ କାନ୍ଥକୁ ଲଗାଇ ବାଇକ୍ ଆଉଜେଇ ରଖିଦେଲି। ଉପରକୁ ଉଠିଗଲି ଓ ସଫା ଜାଗା ଦେଖି ବସିଗଲି। ହଠାତ୍ ସମୁଦ୍ର ଜୁଆର ପରି ଲୋକମାନେ ଠେଲାପେଲା ହୋଇ ଧାଇଁଲେ। ପୋଲିସ୍‌ର ଲାଠିଚାର୍ଜ ଆରମ୍ଭ ହୋଇଯାଇଥିଲା। ଯେ ଯୁଆଡ଼େ ଛତ୍ରଭଙ୍ଗ ଦେଲେ। ଦି'ଜଣ ପୋଲିସ୍ ମୋ' ଉପରକୁ କୁଦି ପଡ଼ିଲେ। 'ଚଳନ୍ତା ବସ୍‌ରେ ନିଆଁ ଲଗାଇଦେଇ ଆସି ଏଠି ବସିଛୁ' କହି ଦି' ପାହାର ମୋ' ପିଠିରେ କଷିଦେଲେ। ହଠାତ୍ କାହୁଁ ଆସି ଯୁବତୀଟିଏ ମୋ' ଉପରେ ହାମୁଡ଼ି ପଡ଼ିଲା। ତା' ଦେହରେ ପାହାରେ ବି ବାଜିଲା। ସେ କିନ୍ତୁ କାନ୍ଦିକାନ୍ଦି 'ତାଙ୍କୁ ଛାଡ଼ିଦିଅ' ବୋଲି କହି ନେହୁରା ହେଉଥାଏ ପୋଲିସ୍ ପାଖରେ।



"ପୋଲିସ୍ ପଚାରିଲା- ତୁମେ କିଏ? ଝିଅଟି କହିଲା- ଆମେ ସ୍ୱାମୀ, ସ୍ତ୍ରୀ। ପାରାଦୀପରୁ ଫେରୁଛୁ, ଜଟଣୀ ଯିବୁ। ରାସ୍ତା ଜାମ୍ ଥିବାରୁ ଏଇଠି ରହିଯାଇଥିଲୁ। ପୋଲିସ୍‌ର ବୋଧେ ବିଶ୍ୱାସ ହେଲା ଏ କଥାରେ। ସେମାନେ ଚାଲିଗଲା ପରେ ଝିଅଟି ମୋ' ପିଠିରୁ ଜାମା ଟେକି ମାଡ଼ଦାଗ ଖୋଜି ଚାଲିଲା।"

ପୋଲିସ୍ ପଚାରିଲା- ତୁମେ କିଏ? ଝିଅଟି କହିଲା- ଆମେ ସ୍ୱାମୀ, ସ୍ତ୍ରୀ। ପାରାଦୀପରୁ ଫେରୁଛୁ, ଜଟଣୀ ଯିବୁ। ରାସ୍ତା ଜାମ୍ ଥିବାରୁ ଏଇଠି ରହିଯାଇଥିଲୁ। ପୋଲିସ୍‌ର ବୋଧେ ବିଶ୍ୱାସ ହେଲା ଏ କଥାରେ। ସେମାନେ ଚାଲିଗଲା ପରେ ଝିଅଟି ମୋ' ପିଠିରୁ ଜାମା ଟେକି ମାଡ଼ଦାଗ ଖୋଜି ଚାଲିଲା। ଦି'ଟା ପାହାରରେ ମୁଁ ଏକରକମ ଜଖମ ହୋଇ ଯାଇଥିଲି। ଅର୍ଦ୍ଧଶାୟିତ ଅବସ୍ଥାରେ ପଡ଼ି ରହି ହନୁମାନଙ୍କୁ ସ୍ମରଣ କରୁଥାଏ। ଯୁବତୀର ହାତର ସ୍ପର୍ଶ ମୋତେ ଆଶ୍ୱସ୍ତ କରୁଥିଲା ଓ ତାଙ୍କ କଥା ମୋ' ଯନ୍ତ୍ରଣା ଉପଶମରେ କିଛିଟା ସାହାଯ୍ୟ କରୁଥିଲା। ଅଜଣା ସୁନ୍ଦରୀ ଯୁବତୀର ସ୍ପର୍ଶରେ ସଙ୍କଟମୋଚନ ହନୁମାନଜୀ ମୋ' ମାନସପଟରୁ ଉଭେଇଗଲେ।

ମୁଁ ପଚାରିଲି– ତୁମେ କିଏ? ଝିଅଟା ଖିଲିଖିଲି ହସିଲା ଓ କହିଲା– ତୁମେ ପରା ମୋ' ସ୍ୱାମୀ। ମୋତେ ଚିହ୍ନିପାରୁନ? ତା' କଥାରୁ ମୁଁ କିଛି ବୁଝିପାରୁ ନ ଥିଲି। ମୋର ଠିକ୍ ମନେଅଛି, ପାହାଡ଼ କାନ୍ଥ ଚଢ଼ି ବୁଦାମୂଳେ 'ଏକ' ବସିଲି। ତା'ପରେ ଆସି ଗହଳି କମିବାଯାଏ ଏଇଠି ବସିବି ବୋଲି ସ୍ଥିର କଲି। ସେଇଠି ବସୁବସୁ ପୋଲିସ୍ ପହଞ୍ଚି ପିଟିଦେଇ ଗଲା। ହଠାତ୍ ସେହି ବୁଦାଳିଆ ଅଞ୍ଚଳ ଭିତରୁ ଏ ଯୁବତୀ ଜଣକ ବାହାରି ଆସି ମୋତେ ମାଡ଼ରୁ ରକ୍ଷାକଲା। ଏବେ କହିଲାଣି ମୋ' ସ୍ତ୍ରୀ ବୋଲି। ଇଏ ଭୂତ ଫୁତ ନୁହେଁ ତ!

ମୁଁ ଟିକିଏ ପ୍ରକୃତିସ୍ଥ ହେଲାବେଳକୁ ଯୁବତୀ ଜଣକ କହିଲା– ଚାଲ ଏବେ ଘରକୁ ଯିବା। ଏତେ ଘଷା, ଆଉଁସା, ମୋଡ଼ାମୋଡ଼ି ଓ ଯତ୍ନ କରିଥିବା ସେହି ଯୁବତୀର କଥା ମୁଁ କିଛି ବୁଝିପାରୁ ନ ଥିଲି କି କିଛି କହିପାରୁ ନ ଥିଲି। ଦେଖିବାକୁ ସେ ଥିଲା ଖୁବ୍ ସୁନ୍ଦରୀ। ତଦ୍ରୂପ କଣ୍ଠସ୍ୱର। ଘରକୁ ନେଇଯିବା ଭଳି। ମୁଁ ମଧ୍ୟ ଥିଲି ଅବିବାହିତ। ଭୟ ବି ହେଉଥାଏ ଅଜଣା ନାରୀଟିକୁ। ପ୍ରେତାତ୍ମା ନୁହେଁ ତ! ଯଦି ଏଡ୍‌ସ ରୋଗୀ ହୋଇଥାଏ ବା ଗଣିକା ହୋଇଥାଏ, ତେବେ କଥା ସରିଲା। କ'ଣ କରିବି ଭାବି ହେଉଥାଏ। ଯୁବତୀ ଜଣକ କହିଲେ, ଏଠି ଆମ ଉପରେ ଆଲୁଅ ପଡୁଛି ରାସ୍ତାରୁ। ସେପଟକୁ ଯାଇ ଚାଲ ବସିବା। ଏକ ଅଦ୍ଭୁତ ଆକର୍ଷଣରେ ଗାଡ଼ି ଧରିଲି। ସିଏ ମୋ' ପଛରେ ବସିଲା। ତା' ଶରୀରର ସ୍ପର୍ଶ ଏକ ଅଜବ କମ୍ପନ ସୃଷ୍ଟିକଲା ମୋ' ଭିତରେ। ବୀଣାଜିଣା କଣ୍ଠରେ କହିଲା, ସେଠି ବସିଥିଲେ କେତେ ଲୋକ କେତେ କଥା ଭାବିଥାନ୍ତେ। ଆମେ ତ ସ୍ୱାମୀ–ସ୍ତ୍ରୀ, ଯେଉଁଠି ବସିଲେ ଅସୁବିଧା ନାହିଁ। ତେବେ ଅନ୍ଧାରରେ ବସିଲେ ରୋମାନ୍ସର ଅଧିକ ମଜା ଥାଏ, ନା କ'ଣ କହୁଛ?

ମୁଁ ଏକଥା ଶୁଣି ଜାଣିଜାଣି ତା' ଦେହକୁ ଆଉଜି ପଡ଼ିଲି। କହିଲା, ଇ...ମା... ଟିକେ ଅପେକ୍ଷା କର। ହେଇ ସେଇ ଜୟଦେବ ବାଟିକା କାନ୍ଥକଡ଼ରେ ଗାଡ଼ି ରଖ। ଗାଡ଼ି ରଖି ଦୁହେଁ ହାତ ଧରାଧରି ହୋଇ ଚାଲିଚାଲି ଅଳ୍ପଦୂର ଅନ୍ଧାରକୁ ଗଲୁ। ତା' ହାତଟା କଅଁଳ ଲାଗୁ ନ ଥିଲା। ସେ ତା' ଶାଢ଼ିଟାକୁ ଖୋଲିଦେଇ ବିଛଣା ଚାଦର ଭଳି ତଳେ ବିଛାଇ ଦେଲା। ଭାନିଟି ଭିତରୁ ଗୋଟେ ମ୍ୟାକ୍ସି କାଢ଼ି ପିନ୍ଧିଲା। ଏସବୁ ଦୃଶ୍ୟ ମୋତେ ଅସ୍ଥିର କରୁଥିଲା। ତତ୍‌କ୍ଷଣାତ୍ ସେ ଆସି ମୋ' କୋଳରେ ମୁଣ୍ଡରଖି ଶୋଇଗଲା। ଆବେଗ ପ୍ରବଣ ଭାବେ ତା' ମୁଣ୍ଡ ଚୁଟିରେ ଅଙ୍ଗୁଳି ଚାଳନା କଲାବେଳେ ସିଏ ବାରଣ କଲା। ଚୁଟି ଟାଣନି କାଟୁଛି, ବୋଲି କହିଲା। ତା' ମୁଣ୍ଡକୁ ଟେକି ଗେଲ କରିବାକୁ ଉଦ୍ୟତ ହୁଅନ୍ତେ ତା' ନକଲି ଚୁଟି ଖସିପଡ଼ିଲା। ଜୟଦେବ ବାଟିକାର ଜଗୁଆଳି ଠିକ୍ ସେତେବେଳେ ଆସି ତାକୁ କହିଲା– ଏ ମାଇନ, ତୋତେ ପରା ମନା କରିଥିଲି ଆଉ ଏଇଠିକି ଆସିବୁନି ବୋଲି। କିଛି ସମୟ ଆଗରୁ ଯୁବତୀ ଭଳି ଲାଗୁଥିବା ଯୁବକଟା ତତ୍‌କ୍ଷଣାତ୍ ଅନ୍ଧାରରେ ହଜିଗଲା। ମୋ' ଭିତରକୁ ଫେରିଲା ବେଳକୁ ମୋ' ମୋଟରସାଇକେଲର ଚାବି ନ ଥିଲା। ବାହାରକୁ ଆସି ଦେଖିଲି ମୋ' ମୋଟରସାଇକେଲ ନ ଥିଲା। ଭିତରକୁ ଗଲି ସେଇ ଜଗୁଆଳିକୁ କହିବାକୁ, କିନ୍ତୁ ସେଇ ଜଗୁଆଳି ବି ଆଉ ସେଠି ନ ଥିଲା।

**– ଅଧ୍ୟାପକ, ଶିଶୁଅନନ୍ତ ମହାବିଦ୍ୟାଳୟ, ବାଲିପାଟଣା, ଖୋର୍ଦ୍ଧା**

ବ୍ୟଙ୍ଗ ଗଳ୍ପ

# ପୁଅ

– ଶ୍ରୀମାନ୍ ସର୍ବଗିଳା

ଗାଁରୁ ଆସି ସାହୁବାବୁ ସହରୀ ସରକାରୀ ସ୍କୁଲରେ ଚାକିରି କରି ପୁଅର ଭଲଶିକ୍ଷା ପାଇଁ ଗୋଟେ ବେସରକାରୀ ବେପାରିଆ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଯେଉଁଦିନୁ ପୂରା ଲାକ୍ଷେ ଟଙ୍କା ଦେଇ ନାଁ ଲେଖେଇଲେ, ସେଇଦିନୁ ସାହୁଆଣୀଙ୍କର ଭୂଇଁରେ ଚାଲିଲେ ଗୋଡ଼ ତଳେ ଲାଗୁ ନ ଥାଏ କି ଛାତିକି କୁଣ୍ଢେ ପାଉ ନ ଥାଏ। କଥା କଥାରେ କହୁଥା'ନ୍ତି– କେତେ କଷ୍ଟରେ ସେ କେମିତି ସବୁଠୁଁ ବଡ଼ ସ୍କୁଲରେ ପୁଅକୁ ଭଲ ଶିକ୍ଷା ଦେବା ପାଇଁ ନାଁ ଲେଖେଇଲେ।

ଗଲା ଶନିବାର ରାତିରେ ଖାଇବା ଟେବୁଲ ପାଖେ ଡାଡି–ମମ୍ମି ଓରଫ ସାହୁ–ସାହୁଆଣୀ ପୁଅକୁ ପଢ଼ାପଢ଼ି ଓ ହୋମ୍‌ୱାର୍କ କେମିତି ଚାଲିଛି ବୋଲି ପଚାରିଲେ। ପୁଅ କହିଲା, "ସବୁ ଠିକ୍ ଚାଲିଛି ଯେ, ହେଲେ ଶାରୀରିକ ଶିକ୍ଷାର ହୋମ୍‌ୱାର୍କ କରିପାରୁନି"। ମମ୍ମି କହିଲେ, "କାଲି ରବିବାର ଛୁଟି। ଡାଡିଙ୍କ ସାହାଯ୍ୟ ନେଇ ସବୁ ହୋମ୍‌ୱାର୍କ ସାରିଦେ।"

ପରଦିନ ସକାଳୁ ସାହୁବାବୁ ଡ୍ରଇଂ ରୁମ୍‌ରେ ଠିଆ ହେଇ ଖବରକାଗଜ ପଢୁଥିଲା ବେଳେ ହଠାତ୍ କାହା ମୁଥରେ ଓଲଟିପଡ଼ି ଚାହିଁଲା ବେଳକୁ ପୁଅ ରାହୁଲ ଖିଲିଖିଲି ହେଇ ହସୁଛି। ପିଲାଟା ଛ'ସାତ ବର୍ଷର ହେଲେ କ'ଣ ହେଲା– ତା'ମୁଥ ଏଡ଼େ ଟାଆଁସିଆ ଯେ ସାହୁବାବୁଙ୍କ ଆଖିରୁ–କାନରୁ ଧୂଆଁ ବାହାରି ଗଲା। ପୁଅ କହିଲା– "ଡାଡି! ପ୍ଲିଜ୍, ପ୍ଲିଜ୍ ଷ୍ଟାଣ୍ଡ୍–ଅପ୍। ସ୍କୁଲରେ ଟିଚର ଶିଖେଇଥିବା ଜୁଡୋ–କରାଟେ ହୋମ୍‌ୱାର୍କ ପାଇଁ ପ୍ଲିଜ୍ ମତେ ହେଲ୍ପ କର।

ବିଚରା ପୁତ୍ରବତ୍ସଳ ସାହୁବାବୁ ଅକ୍ଷମତା ପ୍ରକାଶ କରି ନାଇଁନାଇଁ କରିବାରୁ ରାହୁଲ ରାହାଧରି ରଡ଼ି କରି କାନ୍ଦିଲା। ସାହୁଆଣୀ ପାଟିଶୁଣି ଧାଇଁ ଆସି କ'ଣ ହେଲା ବୋଲି ପଚାରିଲେ। ପୁଅ କହିଲା– "ଦେଖନା ମମ୍ମି, ଡାଡି କେମିତି ମୋ' କଥା ଶୁଣୁ ନାହାନ୍ତି। ସ୍କୁଲରେ ଶିକ୍ଷା ଦିଆଯାଉଥିବା ଜୁଡୋ–କରାଟେ ହୋମ୍‌ୱାର୍କ ପାଇଁ ମତେ ହେଲ୍ପ କରୁ ନାହାନ୍ତି।"

ସାହୁଆଣୀ ଏତକ ଶୁଣି ରାଗରେ ତମତମ ହେଇ କହିଲେ, "ମଲା! ପୁଅଟାର କଥା ମାନି ଟିକେ ଠିଆ ହେଇଯାଉନ। ଲାକ୍ଷେ ଲାକ୍ଷେ ଟଙ୍କା ଖର୍ଚ୍ଚ କରି ପାଠ ପଢ଼େଇ କ'ଣ ତମ ପାଇଁ ସବୁ ଖଇଚା ହେବ?"

ସାହୁବାବୁ କହିଲେ, "ନାଇଁଯେ, ହେଲେ ତା' ମୁଥମରା ଭାରି କାଟୁଛି। ଆଉ ଥରେ ଯଦି ମାରିବ, ମୁଁ ମୂର୍ଚ୍ଛା ହେଇଯିବି।"

ସାହୁଆଣୀ ଗର୍ଜିଉଠି କହିଲେ, "ମୋ' ପେଟ ଭିତରେ ଥାଇ ନ' ମାସକାଳ ପୁଅଟା ମୋର ହଜାରେ ଗୋଇଠା ମାଇଲା– ତାକୁ ମୁଁ ସହି ଜନମ କଲି, ମୋର କିଛି ହେଲାନି; ଅଥଚ ତମକୁ ତା' କଅଁଳ ହାତରେ ଦି'ଚାରି ମୁଥ ମାରିଦେଲେ ଏମିତି କାଇଁ ମୂରୁଚ୍ଛା ହେଇଯାଉଛ ବା! ଆରେ ଉଠପରା କହୁଛି।"

ବିଚରା ସାହୁବାବୁ ଝାଡ଼ିଝୁଡ଼ି ହେଇ ଉଠି ପୁଣି ପୁଅର ମୁଥମାଡ଼ ଖାଇବାକୁ ପ୍ରସ୍ତୁତ ହେଉଥିଲା ବେଳେ ଭାବୁଥା'ନ୍ତି, "ଦିନେ ଏଇ ରାହୁଲ ବଡ଼ ହେଲା ପରେ ମତେ ରାହୁପରି ଗ୍ରାସିଦବନି ତ!!"



# କ ବି ତା

## ଦୂରତା

### ଦିବ୍ୟସିଂହ ଦାସ ଅଧିକାରୀ

ସ୍ମୃତି ସବୁ ଫୁଲ ହେଇଗଲେ
ପାଖୁଡ଼ା ମେଲିଲେ
ଧ୍ୟାନସ୍ଥ ଯୋଗୀ ପରି ବାଟ
ବଢେଇଲେ, ଜୀବନ ବଞ୍ଚିବା ପାଇଁ
ଲୟ କରିଦେଲେ ମହକପଣ ।।

ଏବେ ତ ଲମ୍ୱେଇଯିବା କଥା ଜୀବନ
ସାଇଁସାଇଁ, ଜକ୍‌ଜକ୍ କରିବା କଥା
ଧୂଳିକଣା ମହିମାରେ
ବିଶାଳରୁ ବିଶାଳ ହଉଛି କିଆଁ
ଆଖି ଏବେ ପୁରୁଣା କଥାରେ ।।

ଏବେ କାହିଁକି ମୌନମୁହାଁ
ସବୁ ସକାଳ ଓ ସଞ୍ଜ
ଜଣାନାହିଁ ଭିଜୁଅଛି କେଉଁଥିପାଇଁ
କାତର କରୁଣତାରେ ଦେହ ଆଉ ମୁଣ୍ଡ
ନମ୍ର ସକାଳ ତ ପରିପୁଷ୍ଟ ଆହ୍ଲାଦ ପଣରେ ।।

ଅନ୍ଧାର ଠେଲି
ଆଉ କଉ ଆଖିରେ ଖୋଜିବ
ନୂଆ ସଂଦେଶ, ଅଶୌଚ
ହେଇ ସାରିଥିବା ଆରମ୍ଭ ଓ ଶେଷ ।
ସ୍ଥିର ହେଇ ସାରିଥିବା ତରଙ୍ଗମାଳା
ଏଇ ନିକଟ ନଈରେ ବୋଧେ
ହେଉଛି ଆତଯାତ
ହେଇଚି କି ବନ୍ଦୀ ଅବା
ହଜେଇଛି ଆପଣାର ସ୍ଥିତି
ବାରି ହଉନାହିଁ ତା' ଛଇଛଟକର
ଲହର କି ଲହରେଇବାର ଗୁମର ।।

ମୁଦା ଆଖିରେ ନିଦ ଯାଇଥିବା
ସନ୍ନ୍ୟାସୀ ଓ ତା'ର ସୁବର୍ଣ୍ଣ ଚଉହଦିର
ନୀଳନୀଳ ଆଖିଙ୍କ ସିଦ୍ଧି
ଜାହିର ପାରୁନି କରି
ସମ୍ମୋହନ ଏକାମ୍ରପଣରେ ।।

କଥାସବୁ ମେଲୁଚନ୍ତି ଡେଣା
ଯୋଜନ ଯୋଜନ, ବହୁ ବର୍ଷ ପରେ ପୁନଶ୍ଚ
ସଂଗଠିତ ଆପଣା ଦସ୍ତରେ
ଅସ୍ଥିର ପଣରେ ଆଉ ଏକ
ଚିତ୍ରାୟିତ ମୁଦ୍ରାରେ ।
ଖୋଲି ଦେଇ ଗୋପନତା ପାରିବାପଣର
ଦୀର୍ଘ ମିଆଦିର ସବୁ ସୂତ୍ର
ପ୍ରଗାଢ଼ପଣର ଯେତେ ମୌନ ସଂଭାଷଣ ।।

– ନୂଆବନ୍ଧ, ତିଆଡ଼ିସାହି, ଭଦ୍ରକ

## ତିନୋଟି ଟିକି ଫୁଲ

### ହେମନ୍ତ କୁମାର ରାଉତ

**ଲୁହ**

ଆକାଶର ତାରା ସବୁ
ପାଲଟିଲେ ମାଛଙ୍କର କାତି
କାତି ନୁହେଁ ସାରା ରାତି ଭାସି ଉଠେ
ତୁମ ନୀଳ ସ୍ମୃତି ।
ଅୟୁତ ଅନ୍ଧାର ଘେରା ଢେଉ ପରି
ଚିର ଜ୍ୱଳନ୍ମୟ
ସ୍ମୃତି ସବୁ ପାଲଟିଲେ
ଏ ଆଖିରେ ଛଳଛଳ ଲୁହ ।

**ଦୁଃଖ**

ନୀଥର ନୀଳ ନିଶୀଥେ
ଅସରନ୍ତି ସପନ କୁଆର
ମରଣ ନଈର ତୀରେ
ବନ୍ଧା ଟିକି ନଉକାଟି ମୋର ।

ଏ ଜୀବନ ମୁଠାଏ ପାଉଁଶ
ମଶାଣିରେ ଯିବ ଦିନେ ଝରି
ଛାତିର ବେକାରେ ଏଠି ପିଟି ହୁଏ
ଦୁଃଖ ପରେ ଦୁଃଖର ଲହରି ।

**ଜୀବନ**

ଏ ମାଟିର ଗଛଲତା ପଶୁପକ୍ଷୀ
ଦୁଃଖୀ ମଣିଷର ଯେତେ ଗୀତ
ବୁଝ ବା ନ ବୁଝ ତୁମେ
ତଥାପି ତ ଯିବା ବହୁ ବାଟ ।
ଅଟକି ଯାଅନା ଆଉ
କହିଦିଅ ଯାହାସବୁ କହିବାର ଅଛି
ଜୀବନ ସରି ଆସିଲା
ଦୁଃଖୀର ଜୀବନ କଥା ବୁଝିଲନି କିଛି ।

– ରାଜନଗର, କେନ୍ଦ୍ରାପଡ଼ା

## କଳିଜା ଗୋଟେ ଭାବକଥା

### ଶ୍ରୀହରି ଧଳ

ଆ'
ନଈ ମଝିରେ
ଶୁଣେଇବି କବିତା,
ଶବ୍ଦ ତନ୍ତ୍ରୀରେ ଥୋଇବୁ ତ
ଆଙ୍ଗୁଳି
ଚହଟିବ ପବନ ମୁଠାରେ
ମହମହ ହୃଦୟ ।

ଏଥର
ଅନୁକୂଳ ଇଚ୍ଛା ସୁଅରେ
ସୁଖ ନାବକେଳି

ବିଶ୍ୱାସ ଆଖିରେ
ଉଚ୍ଛୁଳା କଳିଜା ମିଠାପଣ ।
କୋରଡ଼ କି ଛାତି
କେଉଁଠି ନ ଥାଏ–
କଳିଜା ।
ଗୋଟେ ଭାବକଥା ।
ବିଭୋରପଣ କଥା
ଆ' ଚଖେଇବି
କବିତାରେ
କଳିଜା ମିଠାପଣ ।।

– ବରୁଣେଶ୍ୱର କଲେଜ, ଅରେଇ, ଯାଜପୁର

## ରଙ୍ଗ

### ପ୍ରମୀଳା ଶତପଥୀ

ଝାଇଁଝାଇଁ ଖରାବେଳେ
ମୋ' ପାଖରେ ଛିଡ଼ା ହେଲେ
ଶୀତଳ ରଙ୍ଗର ଉଲ୍ଲାସ,
ନୀଳ ରଙ୍ଗର ଅକୁଣ୍ଠିତ ହସମାନ କିଛି
ପ୍ରଶ୍ନ କଲେ– 'ତୁ କବୀ ନା କବିତା ?
ତୃଷା ନା ତୃପ୍ତି ?'

ବିନମ୍ର ଉତ୍ତର ମୋର
"ମୁଁ କବି ନୁହେଁ କି କବିତା,
ଅହଂକାରୀ ଉଚ୍ଚାରଣ ନୁହଁ କି ଆଚରଣ
ଚିନ୍ମୟ ଚେତନାର ବିନ୍ଦୁଏ ଆଶିଷ,
ନିରହଙ୍କାର ରଙ୍ଗର ସ୍ମୃତିଟିଏ ମାତ୍ର ।"

ସେମାନେ ସବୁଜ ରଙ୍ଗର
ଆଲିଙ୍ଗନ ଦେଲେ
ଦେଲେ ଲାଲ ଚୁମ୍ୱନରୁ କିଛି ।
ବିନମ୍ର ଧନ୍ୟବାଦ ଦେଲି
ମୁଲାୟମ ରଙ୍ଗର ପାଖୁଡ଼ା ଖୋଲି ଦେଲି ।।

– ଆଦ୍ୟମନ୍ଦିର, ବାଲିଆ, ବାଲେଶ୍ୱର

## ଗୀତି–କବିତା

## ଦୂବପତ୍ର

### ଧନଞ୍ଜୟ ସ୍ୱାଇଁ

ହିମ ଢଳଢଳ ଦୂବପତ୍ର ମୁଁ
ପଥଧାରେ ଥାଏ ପଡ଼ି
ନବାରୁଣ ଉଷା ସରଜିଛି ମତେ
ଚଳାଇ ତା' ହେମତୂଳୀ ।।୦।।

ସଜଳ ବରଷା ଗୀତରେ ଭୁଲିଛି
ନିଦାଘ ଦଷଣ ମମ
ଅମ୍ବୁଦ ଆଶେ ଜଳିଅଛି ଶୋଷେ
ଦଗ୍ଧସଳିତା ସମ
ପରାଣ ବେଦୀରେ କା' ଲାଗି ଚାହିଁଛି
ପୁଲକ–ପ୍ରଦୀପ ଜାଳି
ପଥଧାରେ ଥାଏ ପଡ଼ି... ।।୧।।

ସକଳ ଦୀନତା ଟାଳି ମୁଁ ମାଟିର–
ତଳପେ ମୁକୁତା ଗଢ଼ି
କେଉଁ ଦେବତାର ଶିରେ ମୁଁ ଦେଇଛି
ନିଜକୁ ଅକାତେ ବାଢ଼ି
ଭାବିଛି ଏଇ ମୋ' କ୍ଷୁଦ୍ର ଜୀବନେ
କିଛି ମୁଁ କରିଛି ବୋଲି
ପଥଧାରେ ଥାଏ ପଡ଼ି... ।।୨।।

– ଅତିରିକ୍ତ ଶାସନ ସଚିବ, ବିଦ୍ୟାଳୟ ଓ
ଗଣଶିକ୍ଷା ବିଭାଗ
ରାଜ୍ୟ ସଚିବାଳୟ, ଭୁବନେଶ୍ୱର




# ଜୀବନର ପ୍ରଥମ କବିତା ମନେଅଛି, ଯେମିତି ମନେରହେ ପ୍ରଥମ କ୍ଷତ...

**ମଣିରାମ ଜେନାଙ୍କ ଜନ୍ମ ୧୯୭୬ରେ, ଯାଜପୁର ଜିଲା ବିଂଝାରପୁରର ଲେଙ୍କାସାହି ଗାଁରେ। ପ୍ରାଣୀ ପୁଷ୍ଟି ବିଜ୍ଞାନରେ ସ୍ୱର୍ଣ୍ଣ ପଦକପ୍ରାପ୍ତ ସ୍ନାତକୋତ୍ତର। ରୁଚି କବିତା ଓ ଗଳ୍ପ ରଚନା। ପ୍ରକାଶିତ ପୁସ୍ତକ- ଗଳ୍ପ: 'ଆଲୋକର ସନ୍ଧାନ', 'ଉଡ଼ାଣ', 'ଉପଦେବତା', ଶିଶୁ କବିତା: 'ମାଟି ମାଆ ମୋର ସରଗପୁରୀ' ଏବଂ ନାଟକ: 'ପରମ୍ପରା'। ଗଳ୍ପ ରଚନା ପାଇଁ ୧୯୯୭ରେ 'କଥା ନବପ୍ରତିଭା ପୁରସ୍କାର' ପ୍ରାପ୍ତ। 'କଥା କଳିକା ଯୁବ ପୁରସ୍କାର' ଓ 'ରାଜଧାନୀ ପୁସ୍ତକମେଳା ପୁରସ୍କାର'(୨୦୧୭) ଦ୍ୱାରା ସମ୍ମାନିତ ଏହି ଲେଖକ ଏଥର ବାଣ୍ଟିଛନ୍ତି ତାଙ୍କ ପ୍ରଥମ ଲେଖାର ଅନୁଭବ ଏଇ ସ୍ତମ୍ଭରେ...**





ଯେତେବେଳେ ମୁଁ ପ୍ରଥମ କରି ଗୋଟେ କବିତା ଲେଖିଲି, ସେତେବେଳେ ମୋତେ ଦଶବର୍ଷ ବୟସ ହୋଇଥିଲା ଏବଂ ମୁଁ ଷଷ୍ଠ ଶ୍ରେଣୀରେ ପଢୁଥିଲି। କବିତାଟି ଥିଲା ଏକ ଶିଶୁ କବିତା ଏବଂ ଏହା ଆମ ଗାଆଁକୁ ନେଇ ଲେଖାଯାଇଥିଲା। କବିତାଟିକୁ ନେଇ ଆମ ବିଦ୍ୟାଳୟର ତତ୍କାଳୀନ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମଦା ପଟ୍ଟନାୟକଙ୍କୁ ଦେଖାଇଥିଲି। ସେ ଖୁବ୍ ଖୁସି ହୋଇଯାଇଥିଲେ। ମୋ' ପିଠି ଥାପୁଡ଼େଇ କହିଥିଲେ- "ତୁ ଆହୁରି ଆଗକୁ ଲେଖିଚାଲ। ତୋ' ହାତରେ କବିତା ଉତୁରିବ।" ଏହା ପରଠାରୁ ମୁଁ କବିତା ଓ ଗଳ୍ପ ଲେଖିବାରେ ମନୋନିବେଶ କଲି। ବ୍ରଜସୁନ୍ଦର ଉଚ୍ଚ ବିଦ୍ୟାଳୟରେ ଅଷ୍ଟମରେ ପଢୁଥିବା ବେଳେ ମୋର ଏକ କବିତା କିଶୋର ଚକ୍ର କାର୍ଯ୍ୟକ୍ରମରେ ପ୍ରସାରିତ ହୋଇଥିଲା। ସେଦିନ ଥିଲା ଶନିବାର। ସୋମବାର ଦିନ ବିଦ୍ୟାଳୟରେ ପହଞ୍ଚିଲା ପରେ ମୋତେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ କିଛି ଛାତ୍ରୀଛାତ୍ର ଘେରିଯାଇ ମୋତେ ବହୁତ ପ୍ରଶଂସା କଲେ। ଅଧିକରୁ ଅଧିକ ଲେଖିବା ପାଇଁ ମୁଁ ପ୍ରେରଣା ପାଇଗଲି। ଲେଖା ଜାରି ରହିଲା।

୧୯୯୭ ମସିହାରେ ମୋ' ଗଳ୍ପ 'ଉଡ଼ାଣ' କଥା ନବପ୍ରତିଭା ପ୍ରତିଯୋଗିତାରେ ଅନ୍ୟତମ ଶ୍ରେଷ୍ଠ ଗଳ୍ପ ଭାବେ ପ୍ରଥମ ସ୍ଥାନ ଅଧିକାର କଲା। ଏ ବିଷୟରେ ମୁଁ ଢେର୍ ଚିଠି ପାଇଥିଲି। ଧୀରେଧୀରେ ବିଭିନ୍ନ ପତ୍ରପତ୍ରିକାରେ ମୋର ଗଳ୍ପ କବିତାମାନ ପ୍ରକାଶ ପାଇ ଆଦୃତି ଲାଭ କଲା। ମୋର ପ୍ରଥମ ପୁସ୍ତକ: 'ଆଲୋକର ସନ୍ଧାନ' (ଗଳ୍ପ) ୨୦୧୦ ମସିହାରେ ପଶୁ ଚିକିତ୍ସା ମହାବିଦ୍ୟାଳୟ, ଭୁବନେଶ୍ୱରର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଉନ୍ମୋଚନ ହୋଇଥିଲା। ମୋର ଦ୍ୱିତୀୟ ଗଳ୍ପ ସଂକଳନ 'ଉଡ଼ାଣ' ଟାଇମ୍‌ପାସ୍ ପ୍ରକାଶନ ଦ୍ୱାରା ୨୦୧୫ରେ ଓ ନାଟକ 'ପରମ୍ପରା' ଟାଇମ୍‌ପାସ୍ ଦ୍ୱାରା ପ୍ରକାଶିତ ହେଲା। ଏହାପରେ ୨୦୧୯ ମସିହାରେ ଶାନ୍ତିସେନା ପ୍ରକାଶନ ସଂସ୍ଥା ଦ୍ୱାରା ମୋ' ରଚିତ ଶିଶୁ କିଶୋର ପଦ୍ୟ ସଙ୍କଳନ 'ମାଟି ମାଆ ମୋର ସରଗପୁରୀ' ପ୍ରକାଶିତ ହୋଇଛି। ଏତଦ୍‌ବ୍ୟତୀତ 'ଏଥେନା ବୁକ୍‌ସ' ମୋର ତୃତୀୟ ଗଳ୍ପ ସଙ୍କଳନ ତଥା ପଞ୍ଚମ ପୁସ୍ତକ 'ଉପଦେବତା' ଛାପିଛନ୍ତି। ଏତେ ପୁସ୍ତକ ପ୍ରକାଶିତ ହେଲେ ମଧ୍ୟ ମୁଁ ଲେଖିଥିବା ମୋ' ଜୀବନର ପ୍ରଥମ କବିତା ଏବେ ବି ମୋ' ସ୍ମୃତିରେ ଚିର ଉଜାଗର ହୋଇ ରହିଛି, ଯେପରି ମନେରହେ ଜୀବନର ପ୍ରଥମ କ୍ଷତ ବା ପ୍ରଥମ ଭଲପାଇବା।




ମଣିରାମ ଜେନା



## ପୁସ୍ତକ ପରିଚୟ

### ଅସରନ୍ତି ଆଳାପ

**କବି: ଶ୍ରୀହରି ଧଳ**
**ପ୍ରକାଶକ: ବନଫୁଲ, ରାଜନଗର, କେନ୍ଦ୍ରାପଡ଼ା**
**ପ୍ରଥମ ପ୍ରକାଶ: ୨୦୧୯, ମୂଲ୍ୟ: ଟ.୧୨୫/-**





ମୋଟ ୪୮ଟି କବିତାକୁ ନେଇ ଶ୍ରୀହରି ରଚିଛନ୍ତି ତାଙ୍କ 'ଅସରନ୍ତି ଆଳାପ' କବିତାଗ୍ରନ୍ଥ। କବି ତାଙ୍କ ସମକାଳକୁ ନେଇ କବିତା ଲେଖନ୍ତି ସତ, କିନ୍ତୁ ତା'ରି ଭିତରେ ଆତଯାତ ହେଉଥାଏ ସୁଦୂର ଅତୀତ ଓ ଅନାଗତ ଭବିଷ୍ୟ। ଛୋଟଛୋଟ ଧାଡ଼ି ଭିତରେ ନୂଆ ଲାଗିବା ପରି ବ୍ୟଞ୍ଜନାକୁ ବାଢ଼ିଦେବା ହେଉଛି ଶ୍ରୀହରିଙ୍କ କବିତାର ବିଶେଷତ୍ୱ। ଯେପରି ଏଇ ଦୁଇଟି ଉଦ୍ଧୃତି: ୧. "ଆଉ ଉଖାରନା/ ପୁରୁଣା ଘା'।/ ତିନିଶହ ବର୍ଷର ଦରଜ ବୋହି/ ଆଜି ଆସିଛି ସକାଳ।/ସଂଚରୁଛି /ପକ୍ଷୀ ଗୀତରେ / ମଙ୍ଗଳାଷ୍ଟକ।" (ଏଥର କ୍ଷତକୁ ଭୁଲିବାକୁ ଦିଅ, ପୃ: ୭୮), ୨. "ସମୟ ହାଇରେ / ଶୁଖିଲା ପତ୍ର ପରି / ଉଡୁଥାଏ ଭାଗ୍ୟ।/ ଖୋଲାଯାଏ ତ/ ଆଉଜା କବାଟ,/ ପଡ଼ିଥାଏ ଏ ଘର କୋଣରେ/ ଗୋଟେ ଅଧାଗଢ଼ା/ ମଣିଷ।" (ଅଧା ମଣିଷର ଆତ୍ମଲିପି, ପୃ: ୪୯-୫୦) ଗାଡ଼ପୋତା, ବାଟୋଇ, ଘାଟ, ଚକଡ଼ା, ଗୋଟେ ଘଟଣାର ସ୍କେଚ୍, ନଗଡ଼ା, କବିତାର ଶତ୍ରୁ, ପାଆପୋଛ, ଗରିବର ମନ୍ତ୍ର ଓ ଦାଦନ ପରି କବିତାରେ କବି ଶବ୍ଦରେ ଉକୁଟାଇବାକୁ ଚାହିଁଛନ୍ତି ମଣିଷର ଆର୍ତ୍ତି ଓ ଆନନ୍ଦ। ଗ୍ରନ୍ଥଟି କବିତାପ୍ରେମୀ ପାଠିକାପାଠକଙ୍କ ମଧ୍ୟରେ ଆଦୃତି ଲାଭ କରିବ ବୋଲି ଆଶା।

### ପ୍ରବନ୍ଧ ସାଗରର ଭିନ୍ନ ଢେଉ

**ଲେଖକ: ଶ୍ରୀଶ ପଟେଲ**
**ପ୍ରକାଶକ: ମହାବୀର ପ୍ରକାଶନ, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ. ୧୨୦/-**

ଓଡ଼ିଆ ରୁଢ଼ି ଓ ଢଗକୁ ଭିତ୍ତି କରି ତହିଁର ସାଂସ୍କୃତିକ ଗଭୀରତାକୁ କଳିବାର ସଶ୍ରମ ଉଦ୍ୟମ କରିଛନ୍ତି ଲେଖକ ଏଇ ଗ୍ରନ୍ଥଟିରେ। ଗ୍ରନ୍ଥାରମ୍ଭରେ ଲେଖିଛନ୍ତି, "ପୁସ୍ତକଟିରେ ସନ୍ନିବେଶିତ ଲୋକକଥା ଭିତ୍ତିକ ପ୍ରବନ୍ଧଗୁଡ଼ିକ ବାଚାଳତା ଅବା ପ୍ରଗଲ୍‌ଭତା ନୁହେଁ, ବରଂ ପ୍ରଚଳିତ ଲୋକକଥାର ଅନ୍ତରାଳରେ ରହିଥିବା ଦୀର୍ଘ ଅନୁଭୂତି, ଗଭୀରତା, ସୂକ୍ଷ୍ମତା ଓ ତୀବ୍ରତାର ଭିନ୍ନ ଢେଉକୁ ବିଶ୍ଳେଷଣ କରି ତାହାର ତତ୍ତ୍ୱକୁ ଉନ୍ମୋଚିତ କରିବା।" ହଜିଲା ବଳଦ ଖୋଜିଲା ଠେଇଁ, ବୁଦ୍ଧି ନ ଦିଶଇ ନିଜକୁ, ମାର୍ ତାଳି ଉଠା ଥାଳି, ଦୁଇ ନାଆରେ ଗୋଡ଼, ଆଲ୍ କହିଲେ କାଲ୍ ଶୁଭୁଛି, ବାନ୍ଧିଲା ଗାଈ ଘାସ ଖାଏ, ଗହ୍ମା ପୂନେଇଁରେ ମାଇଁ ମାଇଁ, ମନର ମୂଳେ ଏ ଜଗତ, ଏ ଘର ମାଉସୀ ସେ ଘର ପିଉସୀ ଭଳି ଲୋକବାଣୀକୁ ନାନା ଉଦାହରଣ ଦେଇ ବୁଝାଇବାକୁ ଚେଷ୍ଟା କରିଛନ୍ତି ଲେଖକ। ପ୍ରଚ୍ଛଦଲେଖରେ "ଆମ ସାଂସ୍କୃତିକ ଭାଷାତତ୍ତ୍ୱ ନିମିତ୍ତ ପୁସ୍ତକଟି ଏକ ଗବାକ୍ଷ" ବୋଲି ଯାହା କୁହାଯାଇଛି, ତାହା ଯଥାର୍ଥ ମନେହୁଏ। ପୁସ୍ତକଟି ସାଧାରଣରୁ ଅସାଧାରଣ-ସବୁ ଶ୍ରେଣୀର ପାଠକଙ୍କ ପାଇଁ ଉପଯୋଗିତା ରଖିବ ବୋଲି ଆଶା କରିବା କଦାପି ଅମୂଳକ ନୁହେଁ।




### ଆଇନର ବାଟ ଓ ନିର୍ବାଚନ

**ଲେଖକ: ଶରତ ଚନ୍ଦ୍ର ମିଶ୍ର**
**ପ୍ରକାଶକ: ସୁଧନ୍ୟା ପ୍ରକାଶନୀ, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ: ୨୦୧୯, ମୂଲ୍ୟ: ଟ.୧୨୦/-**





ବହିଟିର ନାଁରୁ ଆଦୌ ଜାଣିହୁଏ ନାହିଁଯେ ଏହା ଏକ ଗଳ୍ପ ସଂକଳନ। କିନ୍ତୁ ଭିତରକୁ ଗଲେ ଦେଖାଯାଏଯେ ୧୭ଟି ଗଳ୍ପକୁ ନେଇ ସୁଲେଖକ ଶରତଙ୍କର ଏହା ଏକ ସଦ୍ୟ ପ୍ରକାଶିତ ଗଳ୍ପଗ୍ରନ୍ଥ। ବହିଟିରେ ଥିବା ଦୁଇଟି ଗଳ୍ପ 'ଆଇନର ବାଟ' ଓ 'ନିର୍ବାଚନ'କୁ ଯୋଡ଼ି ଲେଖକ ବହିଟିର ଶୀର୍ଷକ ନିର୍ଦ୍ଧାରଣ କରିଛନ୍ତି। ସମକାଳର ନାନା ଘଟଣା ଓ ନାନା ଚରିତ୍ରରେ ନିହିତ ବୈଚିତ୍ର୍ୟକୁ ନେଇ ଲେଖକ ଅତି ସାଧାରଣ ଭାଷାରେ ଜୀବନର ଅସାଧାରଣତ୍ୱକୁ ଉଜାଗର କରିବାକୁ ଚାହିଁଛନ୍ତି। କିନ୍ତୁ କାହିଁକି କେଜାଣି ବହିଟିର ଆଙ୍ଗିକ ପ୍ରକାଶକଙ୍କ ଅଶ୍ରଦ୍ଧା(ହୁଏତ ଅନିଚ୍ଛାକୃତ)ର ଶିକାର! ତେବେ ଗଳ୍ପଗୁଡ଼ିକର ଉତ୍କର୍ଷ ଏହି କମିକୁ ଅତିକ୍ରମ କରି ଈପ୍‌ସିତ ପାଠକଙ୍କ ପାଖରେ ଯେ ପହଞ୍ଚିବ, ଏଥିରେ ସନ୍ଦେହ ନାହିଁ।

### ଶୋଷ


**କବି: ଜୟଦ୍ରଥ ସୁନା**
**ପ୍ରକାଶକ: ପଶ୍ଚିମା ପବ୍ଲିକେଶନ, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ: ୨୦୧୭, ମୂଲ୍ୟ: ଟ. ୭୦/-**

ବହିଟିର ପ୍ରଚ୍ଛଦରେ 'ଶୋଷ' କବିତାର କିୟଦଂଶ ଉଦ୍ଧାର କରାଯାଇ କୁହାଯାଇଛି- "ଏ ନୂଆ ସ୍ୱର ଜୟଦ୍ରଥ ସୁନାଙ୍କର। କବି ଜୟଦ୍ରଥଙ୍କର ଏହି ସ୍ୱର ଦିନେ ପ୍ରଚଣ୍ଡ ହେବ, ଏ ବିଶ୍ୱାସ ଅଛି।" ମୋଟ ୩୨ଟି କବିତା ଗ୍ରନ୍ଥରେ ସ୍ଥାନିତ ଏବଂ ପ୍ରତ୍ୟେକଟିରେ ଜୀବନକୁ ଖୁବ୍ ପାଖରୁ ଚିହ୍ନିବାର ଅନ୍ତରଙ୍ଗ ଚେଷ୍ଟା। ବହୁ କବିତାରେ ରହିଛି ବିଦ୍ରୋହ, କେଉଁଠି କେଉଁଠି ପୁଣି ଅଜସ୍ର ମାର୍ମିକତା। କେତେକ କବିତାରେ ଉତ୍ତର ଉହ୍ୟ ଥିବା ପ୍ରଶ୍ନ ସମ୍ଭୃତ ପାଠିକାପାଠକଙ୍କୁ ନାନା ଭାବେ ଭାବିତ କରାଏ। ପାଠକ ଓ କବିର ଭାଗୀଦାରିରେ ଯେମିତି ଲେଖାଯାଇଛି ବହିଟିର ପ୍ରତିଟି କବିତା, ପଢ଼ିଲେ ଲାଗେ ସେମିତି। ଆଦିବାସୀ ଜନଜୀବନରେ ବ୍ୟବହୃତ ବହୁ ଅଜଣା, ଅପରିଚିତ ଶବ୍ଦକୁ ଗୋଟେଇ ଆଣି କବି ତାଙ୍କ କବିତାରେ ଯେପରି ରସନିଷ୍ଠ କରାଇଛନ୍ତି, ତାହା ବାସ୍ତବରେ ପ୍ରଶଂସନୀୟ।




### ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ

**ମୂଳ ଓଡ଼ିଆ: ଡ. ଜନ୍ମେଜୟ ଚୌଧୁରୀ**
**ହିନ୍ଦୀ ଅନୁବାଦ: ଡ. ସୁଶୀଳ ଦାହିମା 'ଅଭୟ'**
**ପ୍ରକାଶକ: ଶିଶୁ କଲମ, ସହିଦ ନଗର, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ: ୨୦୧୭, ମୂଲ୍ୟ: ଟ. ୩୦୦/-**



ଶ୍ରୀଜଗନ୍ନାଥ, ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରର ବିଭିନ୍ନ ପ୍ରସଙ୍ଗକୁ ନେଇ ଗ୍ରନ୍ଥଟିର ବିଷୟବସ୍ତୁ ନିର୍ଦ୍ଧାରିତ। ଓଡ଼ିଆରେ ରଚିତ ବହିଟିକୁ ଅତି ବିଶ୍ୱସ୍ତ ଭାବେ ହିନ୍ଦୀରେ ଅନୁବାଦ କରିଛନ୍ତି ଅନୁବାଦକ 'ଅଭୟ'। ଶ୍ରୀମନ୍ଦିରରେ ଜଗନ୍ନାଥ: ଏକ ଐତିହାସିକ ସମୀକ୍ଷା, ଶ୍ରୀମନ୍ଦିର ନିର୍ମାଣ କାର୍ଯ୍ୟ, ନିର୍ମାଣ ଶୈଳୀ ଓ ଭୂସଂପତ୍ତି, ବାଇଶି ପାହାଚର ତାତ୍ତ୍ୱିକ ଦୃଷ୍ଟିକୋଣ, ଦିବ୍ୟାୟୁଧ ଶ୍ରୀନୀଳଚକ୍ର, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ 'ନବକଳେବର' ବିଧି, ତ୍ରିମୂର୍ତ୍ତି ତତ୍ତ୍ୱ, ଶ୍ରୀଗୁଣ୍ଡିଚା ଯାତ୍ରା, ଶ୍ରୀଜଗନ୍ନାଥଙ୍କ ନିର୍ବାସନ ଇତିହାସ, କଳାପାହାଡ଼ର ରହସ୍ୟ ବୃତ୍ତାନ୍ତ ଆଦିର ତଥ୍ୟଭିତ୍ତିକ ଆଲୋଚନା ଗ୍ରନ୍ଥଟିକୁ ପୁଷ୍କଳ କରିଛି। ଗ୍ରନ୍ଥଟିର ହିନ୍ଦୀ ଅନୁବାଦ ଦ୍ୱାରା ଅଣଓଡ଼ିଆ ଜଗନ୍ନାଥପ୍ରେମୀ ଏଥିରେ ଥିବା ନାନା ତଥ୍ୟ ଓ ତତ୍ତ୍ୱକୁ ଜାଣିବାର ଏକ ଅପୂର୍ବ ଅବକାଶ ପାଇବେ।